## ସଂକ୍ଷେପରେ

### ଚୋରି ମୋବାଇଲ୍ ଉଦ୍ଧାର



**ଖଇରା, ୨।୯(ଡି.ଏନ.ଏ.):** ଖଇରା ଥାନା ଅଧୀନ ତୁଡିଗଡିଆ ବଜାରରୁ ୨୮ତାରିଖରେ ଚୋରି ହୋଇଥିବା ୨୪ ମୋବାଇଲକୁ ଖଇରା ପୋଲିସ ଉଦ୍ଧାର କରିବାକୁ ସଫଳ ହୋଇଛି। ଚୋରିର ୫ଦିନ ପରେ ମଧ ମାମଲା ରୁଜୁ ହୋଇ ନାହିଁ। ଏଭଳି ସ୍ଥିତିରେ ମୋବାଇଲ ଉଦ୍ଧାର ଘଟଣାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଗତ ୨୮ତାରିଖ ରାତିରେ କମଳାକାନ୍ତ ପଣ୍ଡାଙ୍କ ମୋବାଇଲ ଦୋକାନରୁ ଲକ୍ଷାଧିକ ଟଙ୍କାର ମୋବାଇଲ ସାମଗ୍ରୀ ଚୋରି ହେବା ନେଇ ଥାନରେ ଅଭିଯୋଗ ହୋଇଥିଲା। ଶୁକ୍ରବାର ରାତିରେ ବିଭିନ୍ନ ଚୋରି ଓ ଲୁଟ୍ ଘଟଣାରେ ସମ୍ପୃକ୍ତ ଶଳା ଭିଣୋଇ ରାଉରକେଲା ରାଜଗାଙ୍ଗପୁରର ବଳରାମ ପଟ୍ଟନାୟକ ଓ ସୋର ମଧୁସୂଦନପୁର ଗ୍ରାମର ଦୀନବନ୍ଧୁ ସାହୁଙ୍କୁ ଖଇରା ପୋଲିସ ପାଟ୍ରୋଲିଂ ବେଳେ ଗିରଫ କରିଥିଲା। ପଚରାଉଚୁରା ପରେ ଦୀନବନ୍ଧୁ ଚୋରି କରିବା କଥା ସ୍ୱୀକାର କରିଥିଲା। ଖଇରା ପୋଲିସ ଦୀନବନ୍ଧୁଙ୍କ ଘରକୁ ଯାଇ ୨୪ଟି ମୋବାଇଲ ଉଦ୍ଧାର କରିବା ସହ ଚୋରି ଟଙ୍କା ଜବତ କରିଛି। ଏ ସମ୍ପର୍କରେ ଆଇଆଇସି ଲୋପାମୁଦ୍ରା ନାୟକଙ୍କୁ ପଚାରିବାରେ ଅଭିଯୋଗ ଠିକ୍ ଭାବେ ଆସି ନ ଥିବାରୁ ମାମଲା ରୁଜୁ ହୋଇ ପାରି ନ ଥିବା କହିଛନ୍ତି। ସେପଟେ ରବିବାର ରାତିରେ ଖଇରା ଥାନା ଅଧୀନ ସମ୍ପେଇ ଗ୍ରାମର ସନ୍ତୋଷ କୁମାର ଜେନାଙ୍କ ତେଜରାତି ଦୋକାନ, ସମ୍ପେଇ ପୋଷ୍ଟ ଅଫିସରୁ ଚୋରି ହୋଇଛି। ବରପଦାର ମଦନ ମୋହନ ବେହେରାଙ୍କ ଦୋକାନରୁ ମଧ ଚୋରି ଉଦ୍ୟମ ହୋଇଛି।

### ପାଣି ଟାଙ୍କି ଶିଳାନ୍ୟାସ



**ସଜନାଗଡ଼, ୨।୯(ଡି.ଏନ.ଏ.):** ଗ୍ରାମ୍ୟ ଜଳ ପରିମଳ ବିଭାଗ ତରଫରୁ ଯୋଗାଇ ଦିଆଯାଇଥିବା ସଜନାଗଡ଼ ପଞ୍ଚାୟତ ନୂଆସାହି ଗ୍ରାମରେ ୧ଲକ୍ଷ ଲିଟର ବିଶିଷ୍ଟ ପାଣିଟାଙ୍କି ଶନିବାର ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକଙ୍କ ଦ୍ୱାରା ଶିଳାନ୍ୟାସ କରାଯାଇଛି। ଏହି ପଞ୍ଚାୟତରେ ପାନୀୟ ଜଳ ସୁବିଧା ପାଇଁ ବହୁ ଦିନରୁ ଦାବି ହୋଇଆସୁଥିଲା। ଏହି କାର୍ଯ୍ୟକ୍ରମରେ ୨ଶହରୁ ଊର୍ଦ୍ଧ୍ୱ ଗ୍ରାମବାସୀ ସହଯୋଗ କରିଥିଲେ। ଶିଳାନ୍ୟାସ ସମୟରେ ରବୀନ୍ଦ୍ର ମହାଲିକ, ଚନ୍ଦ୍ରମୋହନ ସିଂ, ବାବୁଲି ବେହେରା, ବାପି ବେହେରା, ଦୀପୁ ଦାସ, ଭଗବାନ ଦାସ, ଦୀପୁ ବାଗ୍, ସଞ୍ଜୟ ନାୟକ, ଉପେନ୍ଦ୍ର ନାୟକ, ନିତ୍ୟାନନ୍ଦ ସ, ରାଧାଶ୍ୟାମ ଜେନା, ଛକା ମହାନ୍ତି, କୈଳାସ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଭଉଁରିଆବାଡ଼ ପଞ୍ଚାୟତ ବିଟୁସାହି ନୂତନ ଟ୍ରାନ୍ସଫର୍ମରକୁ ବିଧାୟକ ନାୟକ ଉଦ୍‌ଘାଟନ କରିଛନ୍ତି। ଅନୁରୂପ ଭାବେ ନରଣପୁର ପଞ୍ଚାୟତର ଘୁଣ୍ଟୁବଣିଆ ଗ୍ରାମରେ ନୂତନ ପମ୍ପ ହାଉସ୍‌ର ଶୁଭ ଉଦ୍‌ଘାଟନ କରାଯାଇଛି।

# ପ୍ଲାଷ୍ଟିକମୁକ୍ତ ପରିବେଶ ଗଢ଼ିବାକୁ ବାର୍ତ୍ତା ଦେଲେ ଛାତ୍ରୀଛାତ୍ର

- ଧରିତ୍ରୀ ଚିତ୍ରାଙ୍କନ ପ୍ରତିଯୋଗିତା
- ସୁକନ୍ୟା ୧ମ, ଗୋପାଳ ୨ୟ, ନନ୍ଦନ ୩ୟ



ଶ୍ରୀବସ୍ତପୁର ନୋଡ଼ାଲ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

**ଭୋଗରାଇ,୨।୯(ଡି.ଏନ.ଏ.)**

ପ୍ଲାଷ୍ଟିକମୁକ୍ତ ପରିବେଶ ବର୍ତ୍ତମାନ ସମୟର ଏକ ଆହ୍ୱାନ। ପ୍ଲାଷ୍ଟିକର ବହୁଳ ବ୍ୟବହାର ପରିବେଶ ଉପରେ କୁପ୍ରଭାବ ପକାଉଛି। ପରିବେଶ ପ୍ରଦୂଷଣକୁ ନିୟନ୍ତ୍ରିତ କରି ପ୍ଲାଷ୍ଟିକମୁକ୍ତ ପରିବେଶ ସୃଷ୍ଟି କରିବାକୁ ହେବ ବୋଲି ରବିବାର ଆୟୋଜିତ ଧରିତ୍ରୀ ଚିତ୍ରାଙ୍କନ ପ୍ରତିଯୋଗିତା ଓ ପୁରସ୍କାର ବିତରଣ ସଭାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ଭୋଗରାଇ ବ୍ଲକ ଶ୍ରୀବସ୍ତପୁର ନୋଡ଼ାଲ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ ଏହି ବ୍ଲକସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାକୁ ଏବିଇଓ ମିହିର କୁମାର ପ୍ରଧାନ ଉଦ୍‌ଘାଟନ କରିଥିଲେ। ଭୋଗରାଇର ୨୫ଟି କ୍ଲଷ୍ଟରରୁ ସିଆର୍‌ସିସି, ବିଇଓ ଏବଂ ଏବିଇଓଙ୍କ ତତ୍ତ୍ୱାବଧାନରେ ୫୩ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ରଙ୍ଗତୂଳୀରେ ଛାତ୍ରୀଛାତ୍ରମାନେ କଳା ପ୍ରତିଭା ପ୍ରଦର୍ଶନ କରି ଚିତ୍ର ମାଧ୍ୟମରେ ପ୍ଲାଷ୍ଟିକମୁକ୍ତ ପରିବେଶ ଗଠନ ଲାଗି ସଚେତନତାର ବାର୍ତ୍ତା ଦେଇଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତାରେ ବାହାର୍ଦ୍ଧା ସରସ୍ୱତୀ ଶିଶୁ ମନ୍ଦିରର ୭ମ ଶ୍ରେଣୀର ଛାତ୍ରୀ ସୁକନ୍ୟା ରାଉତ ୧ମ, ଶଙ୍ଖାରୀ ମଧୁସୂଦନ ଉପ୍ରା ବିଦ୍ୟାଳୟର ୬ଷ୍ଠ ଶ୍ରେଣୀର ଛାତ୍ର ଗୋପାଳ ସାହୁ ୨ୟ, ରାଣୀଗୋଡ଼ା ନୋଡ଼ାଲ ବିଦ୍ୟାଳୟର ୭ମ ଶ୍ରେଣୀ ଛାତ୍ର ନନ୍ଦନ କୁମାର ସାହୁ ୩ୟ, ତାରୁପୁର ଉନ୍ନୀତ ଉପ୍ରା ବିଦ୍ୟାଳୟ ୭ମ ଶ୍ରେଣୀ ଛାତ୍ର ଅମୀର ଦଳାଇ ୪ର୍ଥ ଏବଂ ଲଛମନ ଉ.ପ୍ରା. ବିଦ୍ୟାଳୟ ଗବଗାଁ ୭ମ ଶ୍ରେଣୀ ଛାତ୍ରୀ ଅମ୍ରିତା ପ୍ରଧାନ ୫ମ ସ୍ଥାନ ଅଧିକାର କରିଥିଲେ। ଆର୍ଟ ଶିକ୍ଷକ ତପନ କୁମାର ଦାସ, ହରିଚନ୍ଦନ ଶତପଥୀ ଓ ସଞ୍ଜୀବ କୁମାର ସାହୁ ପ୍ରମୁଖ ବିଚାରକ ମଣ୍ଡଳୀ ଶ୍ରେଷ୍ଠ ଚିତ୍ରାଙ୍କନକୁ ଚୟନ କରିଥିଲେ। ପରେ ଶିକ୍ଷକ ଶ୍ରୀକୃଷ୍ଣ ଦାସଙ୍କ ପୌରୋହିତ୍ୟରେ ପୁରସ୍କାର ବିତରଣ ସଭା ହୋଇଥିଲା। ଆର୍ଟ ଶିକ୍ଷକ ମନୋଜ କୁମାର ଦାସଙ୍କ ସଙ୍ଗୀତ ଗ୍ରୁପ୍‌ର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଖବରଦାତା ପ୍ରଦୀପ ଦାସ ପ୍ରାରମ୍ଭିକ ସୂଚନା ଦେଇଥିଲେ। ସିଆର୍‌ସିସି ରତନ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଭୋଗରାଇ ବିଡ଼ିଓ ଦୀପ୍ତିରଞ୍ଜନ ସେଠୀ ମୁଖ୍ୟଅତିଥି, ଏବିଇଓ ଯଜ୍ଞେଶ୍ୱର ଜେନା, ସିଆର୍‌ସିସି ବିକ୍ରମ କେଶରୀ ବେହେରା, ରଞ୍ଜନ କୁମାର ଜେନା, ସନ୍ତୋଷ କୁମାର ସିଂହ, ସଞ୍ଜୟ ବେହେରା, ଦୟାନିଧି ଗିରି, ଜୟକୃଷ୍ଣ ଆଇଚ, ଶାନ୍ତିପ୍ରକାଶ ମହାପାତ୍ର, ଅଜୟ ଦାସ ମହାପାତ୍ର, ଜନାର୍ଦ୍ଦନ ବାରିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଧରିତ୍ରୀର ଜିଲା ପ୍ରତିନିଧି ମାନସ ବିଶ୍ୱାଳ, ବସ୍ତା ପ୍ରତିନିଧି ହରିଶଙ୍କର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ମୁଖ୍ୟଅତିଥି ପୁରସ୍କାର ଏବଂ ପ୍ରମାଣପତ୍ର ପ୍ରଦାନ କରିଥିଲେ। ୧ମ, ୨ୟ, ୩ୟ, ୪ର୍ଥ ଓ ୫ମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ସ୍ୱତନ୍ତ୍ର ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅନଳିଆ, ବଗଡ଼, ବାରବାଟିଆ, ଭୋଗରାଇ, ଚନ୍ଦନେଶ୍ୱର, ଦାହୁଣ୍ଡା, ଦାରୁହା, କୁଶୁଡ଼ା, ମହାଗବ, ନାଛିନ୍ଦା, ଝକ୍‌ଝକି, କଟୁଆଡ଼ି, କଖଡ଼ା, କାଳାହି, କମର୍ଦ୍ଦା, ଶ୍ରୀବସ୍ତପୁର ଆଦି ଅଞ୍ଚଳର ୪୬ ବିଦ୍ୟାଳୟର ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ବହୁ ବୁଦ୍ଧିଜୀବୀ ଓ ଅଭିଭାବକ ଉପସ୍ଥିତ ଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର କର୍ମଚାରୀ ଏବଂ ଶ୍ରୀବସ୍ତବପୁର ନୋଡ଼ାଲ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ।

# ରାଧାକୃଷ୍ଣ ବେଶରେ ଛାତ୍ରୀଛାତ୍ର



ବାଲେଶ୍ୱର ସଦର ବ୍ଲକ ଟିଆଖିଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜନ୍ମାଷ୍ଟମୀ ପାଳନ ଅବସରରେ ଶିଶୁମାନେ କୃଷ୍ଣ ବେଶରେ ସଜ୍ଜିତ ହୋଇ ଦୋଳିରେ ଝୁଲୁଛନ୍ତି।



ବାହାନଗା ବ୍ଲକ ଜାଗେଶ୍ୱରପଦାଠାରେ ଥିବା ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଆୟୋଜିତ ଶ୍ରୀକୃଷ୍ଣ ବେଶ ପ୍ରତିଯୋଗିତାରେ ଭାଗନେଇଥିବା ଛାତ୍ରୀଛାତ୍ର।



ବାଲିଆପାଳ ବ୍ଲକ୍ ଖପରାପଦା ସରସ୍ୱତୀ ଶିଶୁମନ୍ଦିରର ଛାତ୍ରୀଛାତ୍ରମାନେ ଶ୍ରୀକୃଷ୍ଣ, ବଳରାମ, କଂସ, ହନୁମାନ ଓ ଦେବକୀ ଆଦି ବେଶ ଧାରଣ କରି ବଜାର ପରିକ୍ରମା କରୁଛନ୍ତି।



ମାର୍କୋଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ ପାଳନ ଅବସରରେ ଶିଶୁମାନେ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇଛନ୍ତି।

# ଫକୀରମୋହନ ମେଡିକାଲ କଲେଜ ଓ ହସ୍‌ପିଟାଲର ଉଦଘାଟନ ଆଜି

**ରେମୁଣା, ୨।୯(ଡି.ଏନ.ଏ.)**

ବହୁ ପ୍ରତୀକ୍ଷିତ ଫକୀରମୋହନ ମେଡିକାଲ କଲେଜ ଓ ହସପିଟାଲର ଶୁଭ ଉଦ୍‌ଘାଟନ ସୋମବାର ପୂର୍ବାହ୍ନରେ ଅନୁଷ୍ଠିତ ହେବ। ଏଥିପାଇଁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଅଶ୍ୱିନୀ କୁମାର ଚୌବେଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିବେ। ମୁଖ୍ୟମନ୍ତ୍ରୀ ହେଲିକପ୍ଟର ଅବତରଣ ଲାଗି କଲେଜ ପରିସରରେ ହେଲିପ୍ୟାଡ ନିର୍ମାଣ କରାଯାଇଛି।

କେନ୍ଦ୍ରମନ୍ତ୍ରୀ ସଡକ ପଥରେ ମେଡିକାଲ କଲେଜରେ ପହଞ୍ଚିବେ। ସମୁଦାୟ ୧ ଘଣ୍ଟାର କାର୍ଯ୍ୟକ୍ରମ ମଧ୍ୟରେ ପୂର୍ବାହ୍ନ ସାଢ଼େ ୧୧ଟାରେ ଫକୀରମୋହନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଓ ପୁଷ୍ପମାଲ୍ୟ ଅର୍ପଣ, ୧୧ଟା ୪୦ରେ ମେଡିକାଲ କଲେଜ ଏବଂ ହସ୍‌ପିଟାଲର ଶୁଭ ଉଦଘାଟନ ହେବ। ୧୧ଟା ୫୦ରେ ନବନିର୍ମିତ ସାଢ଼େ ୬ଶହ ସିଟ ବିଶିଷ୍ଟ ଅଡିଟୋରିୟମ ପରିସରରେ ପ୍ରଥମ ବ୍ୟାଚ୍‌ର ଛାତ୍ରୀଛାତ୍ର ଏବଂ ଅଭିଭାବକଙ୍କ ସହିତ ଭାବ ବିନିମୟ କାର୍ଯ୍ୟକ୍ରମ ରହିଛି। ଏହି ସମସ୍ତ କାର୍ଯ୍ୟକ୍ରମ କିପରି ସୁରୁଖୁରୁରେ ଶେଷ ହେବା ନେଇ ପୋଲିସ ଓ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଛି। ରବିବାର ମନ୍ତ୍ରୀ ଅନନ୍ତ ଦାସ, ଜିଲାପାଳ ରମେଶ ଚନ୍ଦ୍ର ରାଉତ, ଅତିରିକ୍ତ ଜିଲାପାଳ ମାନସ ପାଢ଼ୀ, ଉପଜିଲାପାଳ ନୀଲୁ ମହାପାତ୍ର, ଏସ୍‌ପି ବି. ଯୁଗଳ କିଶୋର କୁମାର, ରେମୁଣା ତହସିଲଦାର ଅମୀୟ କୁମାର ରାଉତ, ବିଡିଓ ସଞ୍ଜୟ କୁମାର ରାଉତ ପ୍ରମୁଖ ତଦାରଖ କରୁଛନ୍ତି।



ଅଲିପୁର ସରସ୍ୱତୀ ମନ୍ଦିରରେ ଭଗବତ୍ ଆଲୋଚନା ଚାଲିଛି।

# ଜନ୍ମାଷ୍ଟମୀରେ ଭାଗବତ ଆଲୋଚନା

**ଖଇରା, ୨।୯(ଡି.ଏନ.ଏ.):** ଖଇରା ବ୍ଲକର ବିଭିନ୍ନ ସରସ୍ୱତୀ ଶିଶୁ ମନ୍ଦିରରେ ଜନ୍ମାଷ୍ଟମୀ ଓ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖଇରା ସରସ୍ୱତୀ ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଶଶିକାନ୍ତ ଦାସଙ୍କ ତତ୍ତ୍ୱାବଧାନରେ ଭଉଣୀଭାଇଙ୍କ ମଧ୍ୟରେ ରାଧାକୃଷ୍ଣ ବେଶ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଗୁରୁମା ଅହଲ୍ୟା ପାଣି, ଉଲ୍ଲାସିନୀ ମହାନ୍ତି, ଭାଗ୍ୟଶ୍ରୀ ପାଣି, ଅନୀତା ବାରିକ, ଇତିଶ୍ରୀ ନାୟକ ଓ ମନୋରମା ଗିରି ପ୍ରମୁଖ ଛାତ୍ରୀଛାତ୍ରଙ୍କର ବନ୍ଦାପନା କରିଥିଲେ। ପରେ ପିଲାମାନେ ଏକ ଶୋଭାଯାତ୍ରାରେ ଖଇରା ପରୁଷୋତ୍ତମପୁରସ୍ଥିତ ରାଧାକୃଷ୍ଣ ମନ୍ଦିର ଯାଇ ରାଧାକୃଷ୍ଣଙ୍କ ଦର୍ଶନ କରିଥିଲେ। ସମ୍ପାଦକ ଅକ୍ଷୟ କୁମାର ବାରିକ, ଗୁରୁଜୀ ଦେବେନ୍ଦ୍ର ପାଣିଗ୍ରାହୀ, ପ୍ରଭାକର ଓଝା, ପଙ୍କଜ ମହାନ୍ତି, ବଳରାମ ଲେଙ୍କା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିଭଳି ସାରଡାଙ୍ଗ ପଞ୍ଚାୟତର ଅଲିପୁର ସରସ୍ୱତୀ ଶିଶୁ ମନ୍ଦିରରେ ପ୍ରଧାନଆଚାର୍ଯ୍ୟ ଜୟନ୍ତ ମାଝୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଭଗବତ୍ ଆଲୋଚନାରେ ବିଶିଷ୍ଟ ପାଲାଗାୟକ ବିଷ୍ଣୁମୋହନ ଶତ୍‌ପଥୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବୁଦ୍ଧିରାମ ପାଣିଗ୍ରାହୀ ପ୍ରମୁଖ ବିଶିଷ୍ଟ ବକ୍ତା ଭାବେ ଯୋଗ ଦେଇଥିଲେ। ଅଜୟ ଦାସ ଭାଗବତ ପାଠ କରିଥିଲେ।

# କେରଳ ପୀଡ଼ିତଙ୍କୁ ଉଦ୍ଦେଶ୍ୟରେ ସହାୟତା

**ବାଲେଶ୍ୱର ଅଫିସ, ୨।୯**

ଓଡ଼ିଶା ଶିଶୁ ଚିକିତ୍ସକ ସଂଘ ସମ୍ପାଦକ ଡା. ପ୍ରଶାନ୍ତ କୁମାର ସାବତ ଶନିବାର କେରଳ ବନ୍ୟା ପ୍ରପୀଡ଼ିତଙ୍କ ପାଇଁ ୬୦ହଜାର ଟଙ୍କାର ସହାୟତା ରାଶି ଭାରତୀୟ ଶିଶୁ ଚିକିତ୍ସକ ସଂଘର ବିପର୍ଯ୍ୟୟ ପ୍ରଶମନ ପାଣ୍ଠିକୁ ବମ୍ବେଠାରେ ସଂଘର କର୍ମକର୍ତ୍ତାଙ୍କୁ ଚେକ୍ ମାଧ୍ୟମରେ ପ୍ରଦାନ କରିଛନ୍ତି। ସଂଘ ସଭାପତି ଡା. ଚିନ୍ତାମଣି ପଣ୍ଡା ଏନେଇ ପ୍ରକାଶ କରିବା ସହ ସମସ୍ତ ସଦସ୍ୟଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ରେଳ ଓଭରବ୍ରିଜ୍ ନିର୍ମାଣରେ ବିଳମ୍ବ: ୪ରୁ ରାସ୍ତାରୋକୋ

**ଜଳେଶ୍ୱର, ୨।୯ (ଡି.ଏନ.ଏ.)**

୫୭ ନଂ. ରାଜ୍ୟ ରାଜପଥ ଜଳେଶ୍ୱର-ବାଟଗ୍ରାମ-ଚନ୍ଦନେଶ୍ୱରର ଜଳେଶ୍ୱର ସହର ନୂଆବଜାର ରେଳ ଲେବଲକ୍ରସିଂ ଉପରେ ହେବାକୁ ଥିବା ବହୁ ପ୍ରତିକ୍ଷୀତ ରେଳ ଓଭରବ୍ରିଜ୍ ନିର୍ମାଣରେ ଅହେତୁକ ବିଳମ୍ବ କରାଯାଉଛି। ଏହାର ପ୍ରତିବାଦ କରି ଆସନ୍ତା ୪ତାରିଖଠାରୁ ଜଳେଶ୍ୱର ଭାଜପା ତରଫରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରାସ୍ତାରୋକୋ କରାଯିବ ବୋଲି ଜିଲା ପ୍ରଶାସନକୁ ଲିଖିତ ଭାବେ ଚେତାବନୀ ଦିଆଯାଇଛି। ଭାଜପା ଜିଲା ଉପ ସଭାପତି ଅରୁଣ କୁମାର ବେଜଙ୍କ ନେତୃତ୍ୱରେ ହେବାକୁ ଥିବା ଏହି ରାସ୍ତାରୋକୋରେ ଭୋଗରାଇ, ଜଳେଶ୍ୱର ଓ ପଶ୍ଚିମବଙ୍ଗ ରାଜ୍ୟର ବିଭିନ୍ନ ନିର୍ବାଚନମଣ୍ଡଳୀର ବହୁ ଭାଜପା କର୍ମକର୍ତ୍ତା, ଜନସାଧାରଣ, ସଚେତନ ନାଗରିକ ସାମିଲ ହେବେ ବୋଲି ସୂଚନା ଦେଇଛନ୍ତି।


SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଷ୍ଟ୍ରେସଡ୍ ଆସେଟ୍‌ସ୍ ମ୍ୟାନେଜମେଣ୍ଟ ଶାଖା, ଭୁବନେଶ୍ୱର
**ସଂଶୋଧନ ପତ୍ର**
ତା.୦୧.୦୯.୨୦୧୮ରିଖ ଦୈନିକ ଖବର କାଗଜ **ଧରିତ୍ରୀ**ରେ ପ୍ରକାଶିତ ଆମ୍ଭର **"ଇ-ନିଲାମ ବିକ୍ରୟ ବିଜ୍ଞପ୍ତି"**ରେ **କ୍ର. ନଂ. ୮** ରେ ଦର୍ଶିତ ଋଣଗ୍ରହୀତା: **ମେସର୍ସ ପାବନି ଫେରୋ ଆଲଏଜ୍ ପ୍ରା. ଲି.**ର 'ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା' ସ୍ତମ୍ଭରେ ଦର୍ଶିତ "ଜାମିନ୍‌ଦାରମାନେ: ୧) ଶ୍ରୀ ଜଳଧର ଜେନା, ୨) ଶ୍ରୀ ପାରେଶ୍ୱର ଜେନା' ପରିବର୍ତ୍ତେ "**ଜାମିନ୍‌ଦାରମାନେ: ୧) ସିଏଚ୍. ପ୍ରଭାତ କେଶରୀ ମିଶ୍ର,** ପିତା: ୰ ସିଏଚ୍. ଧିରେନ୍ଦ୍ର ନାଥ ମିଶ୍ର, **୨) ବିଶ୍ୱଜିତ ମିଶ୍ର,** ପିତା: ସିଏଚ୍. ପ୍ରଭାତ କେଶରୀ ମିଶ୍ର, **୩) ଶ୍ରୀମତୀ ଅର୍ଚ୍ଚନା ମିଶ୍ର,** ପିତା: ବୈଦ୍ୟନାଥ ନନ୍ଦ, କ୍ର.ନଂ. ୧, ୨ ଏବଂ ୩ଙ୍କ ଠିକଣା- ସା: ଜି+୩, କସ୍ତୁରୀ ଇଷ୍ଟେଟ୍, ବ୍ଲକ୍-ବି, ଅଶୋକ ନଗର, ଥାନା: ନିୟୁ କ୍ୟାପିଟାଲ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, **୪) ରବିନ୍ଦ୍ର ନାଥ ପଟ୍ଟନାୟକ,** ପିତା: ୰ ନଗେନ୍ଦ୍ର ନାଥ ପଟ୍ଟନାୟକ, ସା: ଏଚ୍‌ଆଇଜି-୩୧, ଜୟଦେବ ବିହାର, ବିଡ଼ିଏ କଲୋନୀ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା" ପଢିବାକୁ ଅନୁରୋଧ। ଅନ୍ୟାନ୍ୟ ସମସ୍ତ ତଥ୍ୟ, ନିୟମ ଓ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ।
ତା.୦୧.୦୯.୨୦୧୮ / କ୍ଷମତାପ୍ରାପ୍ତ ଅଧିକାରୀ












# ପାଣିରେ ବୁଡ଼ି ଜଣେ ମୃତ

**ସଜନାଗଡ଼, ୨।୯(ଡି.ଏନ.ଏ.)ଷ** ନୀଳଗିରି ଥାନା ଚଟିରିଖୁଣ୍ଟା ଗ୍ରାମର ବୈଦ୍ୟନାଥ ସିଂ (୫୧) ରବିବାର ପୂର୍ବାହ୍ନରେ ପୋଖରୀକୁ ଗାଧୋଇବା ଯାଇଥିବା ବେଳେ ବୁଡ଼ିଯାଇ ମୃତ୍ୟୁବରଣ କରିଛନ୍ତି। ସେଠାରୁ ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ପୋଖରୀ ତୁଠରେ ତାଙ୍କ ଚପଲ ଭାସୁଥିବା ଦେଖିବାକୁ ପାଇଥିଲେ। ପୋଖରୀରୁ ବୈଦ୍ୟନାଥଙ୍କୁ ଉଦ୍ଧାର କରାଯାଇ ନୀଳଗିରି ଡାକ୍ତରଖାନାକୁ ନିଆଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୩୧/୧୮) ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବୈଦ୍ୟନାଥଙ୍କୁ ଆଗରୁ ବାତ ରୋଗ ଥିଲା।




## ସଂକ୍ଷେପରେ

### ଭିନ୍ନକ୍ଷମ ନାବାଳିକାଙ୍କୁ ବଳାତ୍କାର, ଥାନାରେ ମାମଲା

**ବାସୁଦେବପୁର,୨।୯(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ଥାନା ଅଧୀନ ଏକ ଗାଁର ଜଣେ ଭିନ୍ନକ୍ଷମ ନାବାଳିକା ଘରେ ଏକୁଟିଆ ଥିବା ଦେଖି ଅନ୍ୟ ଏକ ଗାଁର ଜଣେ ଯୁବକ ତାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ପୀଡିତାଙ୍କ ବାପା ଏ ନେଇ ରବିବାର ସନ୍ଧ୍ୟାରେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ.୨୦୩/୧୮) ରୁଜୁ କରି ତଦନ୍ତ କରୁଛି। ଅଭିଯୁକ୍ତ ଯୁବକଙ୍କ ଘର ଶାବରପୁର ଗାଁରେ । ସେ ଫେରାର ଥିବା ପୋଲିସ କହିଛି। ପୀଡିତା ନାବାଳିକା ମୂକ ହୋଇଥିବାରୁ କଥା କହି ପାରନ୍ତି ନାହିଁ । ରବିବାର ମଧ୍ୟାହ୍ନ ସମୟରେ ଅଭିଯୁକ୍ତ ତାଙ୍କୁ ବଳାତ୍କାର ଉଦ୍ୟମ କଲା ବେଳେ ପୀଡିତାଙ୍କ ସାନ ଭଉଣୀ ଦେଖି ବାପାଙ୍କୁ ଜଣାଇଥିଲେ। ଏ ନେଇ ପୀଡତାଙ୍କ ବାପା ଥାନାକୁ ଆସି ଏତଲା ଦେଇଥିବା ପୋଲିସ କହିଛି। ଅଭିଯୁକ୍ତଙ୍କୁ ଧରିବା ଲାଗି ପୋଲିସ ତନାଘନା ଚଳାଇଛି।

### ହ୍ୱାଟ୍ସଆପ ଗ୍ରୁପ୍ ପ୍ରଶିକ୍ଷଣ ଶିବିର

**ତିହିଡ଼ି,୨।୯(ଡି.ଏନ.ଏ.):** ତିହିଡ଼ି ବ୍ଲକ ପାଳିଆବିନ୍ଧା ପଞ୍ଚାୟତର ବିଜୟାନନ୍ଦ କ୍ଲବ ପରିସରରେ ହ୍ୱାଟ୍ସଆପ ଗ୍ରୁପ୍ର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ପାଳିଆବିନ୍ଧା ସମବାୟ ସମିତି ସଭାପତି ସୁଧନ୍ୟା ନାୟକ ପୌରୋହିତ୍ୟ କରିଥିଲେ। ଶିବିରରେ ବିଭିନ୍ନ ଜନହିତକାର କାର୍ଯ୍ୟକ୍ରମକୁ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଉପସ୍ଥିତ କର୍ମୀଙ୍କୁ ପରାମର୍ଶ ଦିଆଯାଇଥିଲା । ବିଜୁ ଯୁବ ଜନତା ଦଳ ସଭାପତି ପ୍ରବୀର ନାୟକ, ବିଜୁ ଯୁବବାହିନୀର ସଭାପତି ଶୁଭ୍ରଜିତ୍ ପାଲ, ସମ୍ପାଦିକା ଶିଖାରାଣୀ ସାହୁ ଯୋଗ ଦେଇଥିଲେ ।

### ଜଳିଗଲା ୨ ବଖରା

**ବନ୍ତ,୨।୯(ସ୍ୱ.ପ୍ର.):** ଭଦ୍ରକ ଜିଲା ବନ୍ତ ତହସିଲ ଅଧୀନ ନିମଗଡିଆ ଗ୍ରାମରେ ରବିବାର ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟି ୨ ବଖରା ଘର ଜଳିଯାଇଛି । ବିଦ୍ୟୁତ୍ ସର୍ଟ ସର୍କିଟ ଯୋଗୁ ଗ୍ରାମର ଗଣେଶ ଦାସଙ୍କ ଘରେ ଏହି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ଆଗରପଡାରୁ ଦମକଳ ଆସି ନିଆଁ ଲିଭାଇଥିଲା ।

# ‘ଛାତ୍ରୀଛାତ୍ର ଆଣିପାରିବେ ଜାଗରଣ’

**ଭଣ୍ଡାରିପୋଖରୀ, ୨।୯ (ଡି.ଏନ.ଏ.)**



ଅତିଥିମାନଙ୍କ ଗହଣରେ ଛାତ୍ରୀଛାତ୍ର।

**ଧରିତ୍ରୀ ଚିତ୍ରାଙ୍କନ ପ୍ରତିଯୋଗିତା**
- ଭାଗ ନେଲେ ୩୦ ଛାତ୍ରୀଛାତ୍ର
- ଚିତ୍ରରେ ପ୍ଲାଷ୍ଟିକ ମୁକ୍ତ ପରିବେଶ ଲାଗି ସଚେତନତାର ବାର୍ତ୍ତାଦେଲେ

ସବୁସ୍ତରରେ ଜାଗରଣ ସୃଷ୍ଟି ହେଲେ ପ୍ଲାଷ୍ଟିକ ମୁକ୍ତ ସୁସ୍ଥ ପରିବେଶ ଗଠନ ସମ୍ଭବ ସମ୍ଭବ । ଛାତ୍ରୀଛାତ୍ରମାନେ ସଚେତନ ହୋଇ ନିଜ ପରିବାରରେ ପ୍ରଥମେ ସଚେତନତା ସୃଷ୍ଟି କଲେ ଏହା ଏକ ଜନ ଆନ୍ଦୋଳନରେ ପରିଣତ ହୋଇ ପାରିବ ବୋଲି ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଶାରଦା ବିଦ୍ୟାମନ୍ଦିରଠାରେ ରବିବାର ଆୟୋଜିତ ଧରିତ୍ରୀ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅତିଥି ଓ ବକ୍ତାମାନେ ମତ ବ୍ୟକ୍ତ କରିଛନ୍ତି।

ପ୍ଲାଷ୍ଟିକ ମୁକ୍ତ ପରିବେଶ ଗଠନ ଉପରେ ଅନୁଷ୍ଠିତ ଏହି ଚିତ୍ରାଙ୍କନ ପ୍ରତିଯୋଗିତାରେ ୧୫ ବିଦ୍ୟାଳୟରୁ ୩୦ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଶିଶୁ କଳାକାରମାନେ ରଙ୍ଗତୁଳିରେ ଚିତ୍ର ଅଙ୍କନ କରି ଏ ନେଇ ସଚେତନତାର ବାର୍ତ୍ତା ଦେଇଥିଲେ। ବିଚାରକ ଓ ଅତିଥିମାନେ ଛାତ୍ରୀଛାତ୍ରଙ୍କ କଳାପ୍ରତିଭାକୁ ପ୍ରଶଂସା କରିଥିଲେ। ପ୍ରାରମ୍ଭରେ ଦକ୍ଷିଣବାଡ ପଞ୍ଚାୟତ ସରପଞ୍ଚ ବିଜୟ ଶଙ୍କର ମହାନ୍ତି ପ୍ରଦୀପ ପ୍ରଜ୍ୱଳନ କରି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଜୁନିୟର ବିଭାଗରେ ଭାଗ ନେଇଥିବା ଶିଶୁ ଚିତ୍ରକାରଙ୍କ ମଧ୍ୟରୁ ରହଣିଆ ସ୍କୁଲର ସତ୍ୟଜିତ ସାହୁ ୧ମ, ଶାରଦା ବିଦ୍ୟାମନ୍ଦିରର ଛାତ୍ରୀ ପ୍ରିୟଙ୍କା ସେନାପତି ୨ୟ, ବଳଦେବଜୀଉ ନୋଡାଲ ସ୍କୁଲର ଛାତ୍ର ହିମାଂଶୁ ସାହୁ ୩ୟ ସ୍ଥାନ ଅଧିକାର କରିଥିଲେ। ସେହିଭଳି ସିନିୟର ବିଭାଗରେ ଶାରଦା ବିଦ୍ୟାମନ୍ଦିର ଛାତ୍ର ଶ୍ୟାମସୁନ୍ଦର ମହାପାତ୍ର ୧ମ, ଶାରଦା ବିଦ୍ୟାମନ୍ଦିରର ସ୍ୱଦେଶ କଲ୍ୟାଣ ପାତ୍ର ୨ୟ ଓ ଷୋଳମପୁର ସରସ୍ୱତୀ ଶିଶୁ ମନ୍ଦିର ଛାତ୍ର ଧର୍ମେନ୍ଦ୍ର ରାଉତ ୩ୟ ସ୍ଥାନ ଅଧିକାର କରିଥିଲେ। କଳା ଶିକ୍ଷକ ଲକ୍ଷ୍ମୀଧର ଦାସ ବିଚାରକ ଭାବେ ଯୋଗ ଦେଇଥିଲେ। ଶାରଦା ବିଦ୍ୟାମନ୍ଦିରର ପ୍ରଧାନଗୁରୁଜୀ ଶରତ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହୋଇଥିଲା। ଭଣ୍ଡାରିପୋଖରୀ ଥାନାଧିକାରୀ ଅମିତ କୁମାର ବିଶ୍ୱାଳ ମୁଖ୍ୟଅତିଥି, ଭଣ୍ଡାରିପୋଖରୀ କଲେଜ ଅଧ୍ୟକ୍ଷ ଭରତ ଚନ୍ଦ୍ର କରଣ, ରାଜ୍ୟ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ପୁରୁଷୋତ୍ତମ ଧଳ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଧରିତ୍ରୀ ପକ୍ଷରୁ ପ୍ଲାଷ୍ଟିକ ମୁକ୍ତ ପରିବେଶ ଗଠନ ପାଇଁ ଏଭଳି ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନକୁ ସ୍ୱାଗତ କରିଥିଲେ। ଏହି ଅବସରରେ ‘ଆମେ ସମସ୍ତେ ଶପଥ ନେବା ଏବଂ ଘରେ ମା ବାପାଙ୍କୁ କହିବା, ପ୍ଲାଷ୍ଟିକ ଠାରୁ ଦୂରେଇ ରହିବା’ ବୋଲି ସେମାନେ ଶପଥ ନେଇଥିଲେ। ସିନିୟର ଓ ଜୁନିୟର ବିଭାଗର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ଦିଆଯିବା ସହ ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଧରିତ୍ରୀର ଭଣ୍ଡାରିପୋଖରୀ ପ୍ରତିନିଧି ଦେବେନ୍ଦ୍ର ଆଦ୍ଦିଆ, ଆରଡି ପ୍ରତିନିଧି ଦିପ୍ତିରଞ୍ଜନ ନାୟକ, ପ୍ରମୋଦ କୁମାର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲା ପ୍ରତିନିଧି ବିଭୁପ୍ରସାଦ ବେହେରା ମଞ୍ଚାସୀନ ଥିଲେ। ବିଦ୍ୟାମନ୍ଦିର ଗୁରୁଜୀ ପବନ କୁମାର ନାୟକ ଅତିଥି ପରିଚୟ, ଖଡିପଦା ନୋଡାଲ ସ୍କୁଲର ପ୍ରଧାନଶିକ୍ଷକ ମନୋଜ କୁମାର ଜେନା ଧନ୍ୟବାଦ ପ୍ରଦାନ କରିଥିଲେ। ବିଦ୍ୟାମନ୍ଦିର ଗୁରୁମା ସସ୍ମିତା ସ୍ୱାଇଁ, ବିଶ୍ୱମ୍ଭର ରାଉତ, ମମିତା ମହାନ୍ତି ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗଙ୍କୁ ଉତ୍ସାହିତ କରିଥିଲେ।

### ପ୍ରତିଷ୍ଠା ଦିବସ ସାଙ୍ଗକୁ ବଳିଦାନ ଦିବସ ପାଳିତ

**ଭଦ୍ରକ ଅଫିସ, ୨।୯:** ଜନ୍ମାଷ୍ଟମୀ ଅବସରରେ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ପ୍ରତିଷ୍ଠା ଦିବସ ଏବଂ ସନ୍ଥ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କର ବଳିଦାନ ଦିବସ ପାଳନ କରାଯାଥିଲା। ନୂଆବଜାରସ୍ଥିତ ଶିଶୁ ମନ୍ଦିର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଦୁର୍ଗାବାହିନୀ ରାଷ୍ଟ୍ରୀୟ ସଂଯୋଜିକା ପ୍ରଜ୍ଞା ପରମିତା ମହଲା ମୁଖ୍ୟ ଅତିଥି, ଅନ୍ୟତମ ଅତିଥି ଭାବେ ବଜରଙ୍ଗ ଦଳ ରାଜ୍ୟ ସଂଯୋଜକ ମାନସ ମହାନ୍ତି ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱ ହିନ୍ଦୁ ପରିଷଦର ଜିଲା ସଭାପତି ବିଜୟ ସିନ୍ହା, ସମ୍ପାଦକ କାହ୍ନୁ ସିଂ, ଦୁର୍ଗାବାହିନୀ ରାଜ୍ୟ ସହ ସଂଯୋଜକ ସୀପ୍ରା ରାଉତ ଏବଂ ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ପୁରଜିତ ମୁନି ମଞ୍ଚାସୀନ ଥିଲେ । ଜନ୍ମାଷ୍ଟମୀ ଉପଲକ୍ଷେ ପରିଷଦ ତରଫରୁ ଯଜ୍ଞ ଓ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା । ଅନୁରୂପ ଭଦ୍ରକ ନୂଆବସଷ୍ଟାଣ୍ଡସ୍ଥିତ ଶ୍ରୀଚୈତନ୍ୟ ଆଶ୍ରମରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଇଥିଲା। ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ରାଧାକୃଷ୍ଣ ବେଶ, ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ଆଶ୍ରମ ମୁଖ୍ୟ ସଂଗ୍ରାମ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଏକ ଧର୍ମ ସଭା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଡିଏସପି ବିଶ୍ୱନାଥ ରାଉତ, ଆଶ୍ରମ ପରିଚାଳକ ଦେବବ୍ରତ ଦାସ, ବ୍ରହ୍ମଚାରୀ ଡା. ପଦ୍ମକାନ୍ତ ଧଳ, ସୁଦିପ୍ତ ଖଟୁଆ, ରାଜେଶ ଦେବତା, ସୁରଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଚାନ୍ଦବାଲିରେ ‘ମୁଁ ହିରୋ ମୁଁ ଓଡ଼ିଶା’



ବିଜୁ ଯୁବ ବାହିନୀ ପକ୍ଷରୁ ଆୟୋଜିତ ଉତ୍ସବରେ ମଞ୍ଚାସୀନ ଅତିଥିଗଣ।

**ଚାନ୍ଦବାଲି,୨।୯(ଡି.ଏନ.ଏ.)**

ଭଦ୍ରକ ଜିଲାରେ ବିଜୁ ଯୁବ ବାହିନୀ ଚାନ୍ଦବାଲି ଶାଖା ପକ୍ଷରୁ ‘ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ’ ସ୍ଥାନୀୟ ଚାନ୍ଦବାଲି କଲେଜ ପରିସରରେ ରବିବାର ଅନୁଷ୍ଠିତ ହୋଇଥିଲା। କଲେଜ ସଭାଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ବ୍ୟୋମକେଶ ରାୟ, ଜିଲାପରିଷଦ ଅଧ୍ୟକ୍ଷ ଦ୍ୱିଜବର ରାଉତ, ବିଡିଓ ଅଜାମ୍ବର ମହାନ୍ତି, କଲେଜ ଅଧ୍ୟକ୍ଷ ନିମାଁଇ ପଟ୍ଟନାୟକ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ନରେଶ ମାଝୀ, ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ପ୍ରତିନିଧି ରଞ୍ଜନ ସାହୁ, ବିଜୁ ଯୁବ ବାହିନୀର ଚାନ୍ଦବାଲି ବ୍ଲକ ସଂଯୋଜକ ମୁକ୍ତିକାନ୍ତ ରାଉତ ପ୍ରମୁଖ ଯୋଗ ଦେଇଥିଲେ । ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ଯୁବତୀ ଯୁବକମାନେ କାର୍ଯ୍ୟକ୍ରମରେ ସାମିଲ ହୋଇ ପ୍ରତିଭା ପ୍ରଦର୍ଶନ କରିଥିଲେ । ପରେ ସେମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।

## ମଦମୁକ୍ତି ପାଇଁ ଚାଲିବ ଦସ୍ତଖତ ଅଭିଯାନ

**ଭଦ୍ରକ ଅଫିସ,୨।୯**

- ଅକ୍ଟୋବର ୨ରେ ସବୁ ବିଧାୟକଙ୍କୁ ଦିଆଯିବ ଦାବିପତ୍ର
- ସରକାରଙ୍କ ଉପରେ ଚାପ ବୃଦ୍ଧି ଲାଗି ନିଷ୍ପତ୍ତି



ବୈଠକରେ ଉପସ୍ଥିତ ଅତିଥି।

ରାଜସ୍ୱ ଆଦାୟ ନାମରେ ରାଜ୍ୟ ସରକାର ଗୋଟିଏ ପରେ ଗୋଟିଏ ମଦ ଦୋକାନକୁ ଲାଇସେନ୍ସ ଦେଉଥିବାରୁ ମଦ୍ୟର ପ୍ରସାର ଘଟି ଚାଲିଛି। ଏଥିସହ ଚୋରାମଦ କାରବାର ବଢୁଥିବାରୁ ସାମାଜିକ ବିଶୃଙ୍ଖଳା ବଢୁଛି। ଏହି ପରିପ୍ରେକ୍ଷୀରେ ରାଜ୍ୟକୁ ସମ୍ପୂର୍ଣ୍ଣ ନିଶାମୁକ୍ତ ଘୋଷଣା ଦାବିରେ ଜିଲାରେ ମଦ ବିରୋଧୀମାନେ ସକ୍ରିୟ ହେବାରେ ଲାଗିଛନ୍ତି । ଆସନ୍ତା ନିର୍ବାଚନ ପୂର୍ବରୁ ସରକାରଙ୍କ ଉପରେ ଚାପ ସୃଷ୍ଟିକରି ୧୯୫୬ ମସିହା ନିଶାନିବାରଣ ଆଇନକୁ କାର୍ଯ୍ୟକାରୀ କରାଇବା ନିମନ୍ତେ ଏବେଠାରୁ ପ୍ରଚାର ଅଭିଯାନକୁ ଜୋରଦାର କରିବା ନିମନ୍ତେ ରବିବାର ଭଦ୍ରକ ନରିପୁର ଠାରେ ମିଳିତ ଓଡିଶା ନିଶା ନିବାରଣ ଅଭିଯାନ ଜିଲା କମିଟି ପକ୍ଷରୁ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏଥି ନିମନ୍ତେ ଜିଲାର ସମସ୍ତ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଦସ୍ତଖତ ସଂଗ୍ରହ ଅଭିଯାନ କରାଯାଇ ଆସନ୍ତା ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରେ ଦସ୍ତଖତ ସମ୍ବଳିତ ଦାବିପତ୍ର ସ୍ଥାନୀୟ ବିଧାୟକମାନଙ୍କୁ ପ୍ରଦାନ କରାଯିବ । ଏହି ଅଭିଯାନରେ ଛାତ୍ରୀ ଛାତ୍ର, ମହିଳା, ଯୁବକ ଓ ବୁଦ୍ଧିଜୀବୀ ସହ ସାଧାରଣ ଲୋକମାନଙ୍କୁ ସାମିଲ କରାଯିବ । ଏହା ସତ୍ତ୍ୱେ ସରକାର ଟାଳଟୁଳ ନୀତି ଅବଲମ୍ବନ କଲେ ନଭେମ୍ବର ୨୩ ତାରିଖ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀରେ ଜିଲାର ସମସ୍ତ ବିଧାୟକଙ୍କ ସରକାରୀ ବାସଭବନ ଆଗରେ ଧାରଣା ଦିଆଯିବ ବୋଲି ବୈଠକରେ ଚେତାବନୀ ଦିଆଯାଇଛି। ଜିଲା କମିଟିର ଉପସଭାପତି ଅଧିବକ୍ତା ଅଗଣୀ ଚରଣ ଜେନା ଏଥିରେ ସଭାପତିତ୍ୱ କରିଥିଲେ । ଜିଲା ସମ୍ପାଦକ ଆଇନଜୀବୀ ଗିରିଧାରୀ ନାଥ, ସଂଗ୍ରାମ ମହାନ୍ତି, ପ୍ରଫେସର ଅଟଳ ବିହାରୀ ନାୟକ, ସଭ୍ୟା ସରସ୍ୱତୀ ସେନାପତି, ଶାନ୍ତିଲତା ନାଗ ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଧାମନଗର ବ୍ଲକ ନେତା ଜଗନ୍ନାଥ ରାୟ, ତିହିଡି ବ୍ଲକ ନେତ୍ରୀ କଳ୍ପନା ନନ୍ଦ, ଚାନ୍ଦବାଲିର ଯୁବନେତା ପ୍ରଦୀପ ଦାସ, ଭଦ୍ରକ ବ୍ଲକର ଅନ୍ନପୂର୍ଣ୍ଣା ସାହୁ, ସସ୍ମିତା ବାରିକ, ଜୟନ୍ତୀ ରାଉତ, ଭଣ୍ଡାରୀପୋଖରୀ ବ୍ଲକ ନେତ୍ରୀ ସ୍ନେହଲତା ପହି, ବନ୍ତ ବ୍ଲକ ଆବାହକ ତ୍ରିଲୋଚନ ପଣ୍ଡା, ଅମର ପାଣିଗ୍ରାହୀ ଯୋଗଦେଇଥିଲେ । ରାଜ୍ୟ କମିଟି ସମ୍ପାଦକ ରମାକାନ୍ତ ମଣ୍ଡଳ, ରାଜ୍ୟ ସଂଯୋଜକ ଖଗେଶ୍ୱର ବଳ, ଇନ୍ଦୁମତୀ ସାହୁ ଏବଂ ବର୍ଷିୟାନ ସ୍ୱାଧୀନତା ସଂଗ୍ରାମୀ ହୃଦାନନ୍ଦ ରାଉତ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇ ମଦବିରୋଧୀ ଆନ୍ଦୋଳନକୁ ଭଦ୍ରକ ଜିଲାରେ ତୀବ୍ରତର କରିବାକୁ ଆହ୍ୱାନ ଦେଇଥିଲେ ।



**ବାସୁଦେବପୁର:** କୃଷ୍ଣ ବେଶରେ ସଜ୍ଜିତ ଛାତ୍ର।



ତିହିଡ଼ି: ରାଧାକୃଷ୍ଣ ବେଶରେ ଛାତ୍ରୀଛାତ୍ର।



**ପଦ୍ମପୁର:** ରାଜଘରପୋଖରୀ ସରସ୍ୱତୀ ଶିଶୁ ମନ୍ଦିରରେ ଅନୁଷ୍ଠିତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ରାଧା ଓ କୃଷ୍ଣ ବେଶଧାରୀ ଛାତ୍ରୀଛାତ୍ର।

# ସବୁଠି ଜନ୍ମାଷ୍ଟମୀ ଉଲ୍ଲାସ, କୃଷ୍ଣମୟ ପରିବେଶ

**ଭଦ୍ରକ ଅଫିସ/ ବାସୁଦେବପୁର/ ପଦ୍ମପୁର/ ଧାମନଗର/ ତିହିଡି/ ବନ୍ତ, ୨।୯ (ଡି.ଏନ.ଏ.)**

- ‘କୃଷ୍ଣ ସମାବେଶ’ ସାଙ୍ଗକୁ ‘ଶ୍ରୀକୃଷ୍ଣ ଜନ୍ମ’ ନାଟକ ମଞ୍ଚସ୍ଥ
- ଦଧିହାଣ୍ଡି ଭଙ୍ଗା, ଗୀତା ଆବୃତ୍ତି, କବିତା ଲିଖନ, ବକ୍ତୃତା ପ୍ରତିଯୋଗିତା

ପବିତ୍ର ଜନ୍ମାଷ୍ଟମୀ ଉପଲକ୍ଷେ ରବିବାର ଭଦ୍ରକ ଜିଲାର ବିଭିନ୍ନ ଅଞ୍ଚଳରେ ରାଧାକୃଷ୍ଣଙ୍କ ମନ୍ଦିରରେ ଭକ୍ତଙ୍କ ଭିଡ ଜମିବା ସାଙ୍ଗକୁ ଶିକ୍ଷାନୁଷ୍ଠାନ ପରିସର ଉତ୍ସବମୁଖର ରହିଥିଲା। ବାସୁଦେବପୁରର ବାଲିନଗର ଯାଦବ ପଡିଆରେ ଥିବା ରାଧାକୃଷ୍ଣ ମନ୍ଦିରକୁ ଶହ ଶହ ଶ୍ରଦ୍ଧାଳୁ ଆସି ପୂଜାର୍ଚ୍ଚନା କରିଥିଲେ। ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଶତାଧିକ ବିଦ୍ୟାର୍ଥୀ କୃଷ୍ଣଙ୍କ ବେଶରେ ସଜ୍ଜିତ ହୋଇ ସହର ପରିକ୍ରମା କରି ଏହି ମନ୍ଦିରଠାରେ ପହଞ୍ଚିଥିଲେ। ଏହି ଅବସରରେ ‘କୃଷ୍ଣ ସମାବେଶ’ କରାଯାଇଥିଲା। ଶ୍ରୀକୃଷ୍ଣଙ୍କ ଜନ୍ମ ଓ କଂସ ବଧ ଉପରେ ଆଧାରିତ ଏକ ନାଟକ ମଞ୍ଚସ୍ଥ ହୋଇଥିଲା। ଶିଶୁ କହ୍ନାଇ ଶିକ୍ଷାନୁଷ୍ଠାନ ଛାତ୍ରୀଛାତ୍ରମାନେ କୃଷ୍ଣ ବେଶରେ ସଜ୍ଜିତ ହୋଇ ସହର ପରିକ୍ରମା କରିଥିଲେ। ବାସୁଦେବପୁର ମିରାକିଲ ପବ୍ଲିକ ସ୍କୁଲ ପରିସରରେ ପ୍ରଜ୍ଞାନ ମିଶନ କ୍ରିୟା ଯୋଗ ପକ୍ଷରୁ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜଙ୍କ ନିର୍ଦ୍ଦେଶକ୍ରମେ ୧୦୭ ପ୍ରତିଯୋଗୀଙ୍କୁ ନେଇ ଗୀତା ଆବୃତ୍ତି ପ୍ରତିଯୋଗିତା କରାଯାଇଥିଲା। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଷ୍ଣୁମୋହନ ନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟକ୍ଷ ଦୁଃଶାସନ ରାଉତ, କରୁଣାକର ବାରିକ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ରାଜଘରପୋଖରୀ ସରସ୍ୱତୀ ଶିଶୁ ମନ୍ଦିରରେ ଜନ୍ମାଷ୍ଟମୀ ପାଳନ ଅବସରରେ କୃଷ୍ଣବେଶ ପ୍ରତିଯୋଗିତା ଆକର୍ଷଣ ସାଜିଥିଲା। ଛାତ୍ରୀଛାତ୍ରମାନେ ୩ ବିଭାଗରେ ଅଂଶଗ୍ରହଣ କରିଥିଲେ। ଚାରିବାଟିଆ ୟୁଜିଏମଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଷ୍ଣୁମୋହନ ସୂତାର, କେସି ନୋଡାଲ ବିଦ୍ୟାଳୟର ପ୍ରଧାନଶିକ୍ଷକ ନୀଳାମ୍ବର ବଳ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନଆଚାର୍ଯ୍ୟ ଦେବେନ୍ଦ୍ର ମହାଳିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଧାମନଗର ବ୍ଲକର ଅସୁରାଳୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ଅନ୍ତର୍ଯ୍ୟାମୀ ପରିଡାଙ୍କ ପରିଚାଳନାରେ ଶତାଧିକ ଛାତ୍ରୀଛାତ୍ର ଗୋପୀ ଗୋପାଳ ବେଶରେ ସଜ୍ଜିତ ହୋଇ ଅସୁରାଳୀ ବଜାର ପରିକ୍ରମାକରିଥିଲେ। ପରେ ଦଧିହାଣ୍ଡି ଭଙ୍ଗା, ରାଧାକୃଷ୍ଣଙ୍କର ଝୁଲଣ ଯାତ୍ରା ଅନୁଷ୍ଠିତ ହୋଇଥିଲା । ସୁରେନ୍ଦ୍ର ନାଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସାରଥୀ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଚୁଡାକୁଟି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମେତ ଧାମନଗର,ଆନନ୍ଦପୁର ଏବଂ ଧୂଷୁରୀ ସରସ୍ୱତୀ ଶିଶୁ ମନ୍ଦିରରେ ଜନ୍ମାଷ୍ଟମୀ ପାଳିତ ହୋଇଥିଲା।

ତିହିଡ଼ି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରବିବାର ପବିତ୍ର ଜନ୍ମାଷ୍ଟମୀ ଉତ୍ସବ ପାଳନ ଅବସରରେ କବିତା ଲିଖନ ପ୍ରତିଯୋଗିତା ହୋଇଥିଲା। ଏଥିରେ ୧୧ ପ୍ରତିଯୋଗୀ ଜନ୍ମଭୂମି ଶୀର୍ଷକରେ କବିତା ଲେଖିଥିଲେ । ଶିଶୁମନ୍ଦିରର ୩୮ ଶିଶୁ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇ ସ୍ଥାନୀୟ ଅଞ୍ଚଳ ପରିକ୍ରମା କରିଥିଲେ । ପ୍ରାଧ୍ୟାପକ କବି ହୃଦାନନ୍ଦ ପାଣିଗ୍ରାହୀ ଓ ଅଧ୍ୟାପକ ବିଶ୍ୱରଞ୍ଜନ ଦାସ ଯୋଗ ଅତିଥି ଭାବେ ଯୋଗ ଦେଇଥିଲେ।

ବନ୍ତ ବ୍ଲକ ନିମପଡାସ୍ଥିତ ବିବେକାନନ୍ଦ ଶିଶୁ ମନ୍ଦିରରେ ରବିବାର ଜନ୍ମାଷ୍ଟମୀ ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶ୍ରୀକୃଷ୍ଣ ବେଶ ପ୍ରତିଯୋଗିତା ସାଙ୍ଗକୁ ପ୍ରଧାନ ଆଚାର୍ଯ୍ୟ ଇତିଶ୍ରୀ କରଶର୍ମାଙ୍କ ତତ୍ତ୍ୱାବଧାନରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସେହିପରି ଭଦ୍ରକ ଗାନ୍ଧୀ ପଡିଆସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରାଧାକୃଷ୍ଣ ବେଶରେ ବହୁ ଛାତ୍ରୀଛାତ୍ର ସଜ୍ଜିତ ହୋଇଥିଲେ। ସେମାନଙ୍କୁ ବନ୍ଦାପନା କରି ସଙ୍ଗୀତର ତାଳେତାଳେ ଝୁଲଣାରେ ଝୁଲାଯାଇଥିଲା । ଅନୁଷ୍ଠାନର ଉପସଭାପତି ଇଂ ଅଭୟ ସୁତାରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ଲକ୍ଷ୍ମଣ ଦାଶ ଭାଗବତ ପାଠ କରି ଏହାକୁ ଉଦ୍‌ଘାଟନ କରିଥିଲେ।



**ଧାମନଗର:** ଶିଶୁମନ୍ଦିର ଛାତ୍ରୀଛାତ୍ରଙ୍କ ଗୋପୀ ଗୋପାଳ ବେଶ।



**ବନ୍ତ:** କୃଷ ବେଶରେ ପିଲାମାନେ।

## ସଂକ୍ଷେପରେ

### ମିଳିତ ଜନ ଶୁଣାଣି ପାଇଁ କାର୍ଯ୍ୟସୂଚୀ

**ବାରିପଦା ଅଫିସ,୨।୯:** ମୟୂରଭଞ୍ଜ ଜିଲା ପ୍ରଶାସନ ପକ୍ଷରୁ ମିଳିତ ଜନଶୁଣାଣି ଶିବିର କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯାଇଛି। ଜିଲାପାଳ ଓ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଆନୁକୂଲ୍ୟରେ ପ୍ରଥମ ସୋମବାର କରଞ୍ଜିଆ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଶିବିର ଅନୁଷ୍ଠିତ ହେବ। ସେହିପରି ୧୦ତାରିଖ ଦ୍ୱିତୀୟ ସୋମବାର ଉଦଳା ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ, ୧୭ତାରିଖ ତୃତୀୟ ସୋମବାର ରାଇରଙ୍ଗପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ଏବଂ ୨୪ତାରିଖ ଚତୁର୍ଥ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହେବ।

### ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟଙ୍କ ଜୟନ୍ତୀ

**ବାରିପଦା ଅଫିସ,୨।୯:** ଆମେ ମୟୂରଭଞ୍ଜିଆ ସଙ୍ଗଠନ ପକ୍ଷରୁ ମୟୂରଭଞ୍ଜର ବରପୁତ୍ର ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟଙ୍କ ଜୟନ୍ତୀ ସମାରୋହ ସ୍ଥାନୀୟ ଷ୍ଟାଡିୟମରେ ଥିବା ମୟୂରଭଞ୍ଜ ଆଥଲେଟିକ ଆସୋସିଏଶନ' ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଆଲୋକ ଚିତ୍ରଶିଳ୍ପୀ ପୂର୍ଣ୍ଣଚନ୍ଦ୍ର ବିନ୍ଧାଣୀ, ଶିକ୍ଷାବିତ ବୃନ୍ଦାବନ ଦାଶ, ଡ. ଶ୍ୟାମ ସୁନ୍ଦର ଦାସ, ଆଡଭୋକେଟ ବିଭୁପ୍ରସାଦ ଦାସ, ଡା.ମହାଦେବ ଦାଶ, ଗୀତିକାର ସଂଗ୍ରାମ କେଶରୀ ମହାନ୍ତି, ଡ. ମୋହିତ ଷଡଙ୍ଗୀ, ପଣ୍ଡିତ ଭାଗବତ ପଣ୍ଡା, ସ୍ୱେଚ୍ଛାସେବୀ ବିବେକାନନ୍ଦ ପଟ୍ଟନାୟକ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ପ୍ରାରମ୍ଭରେ 'ଆମେ ମୟୂରଭଞ୍ଜିଆ ସଙ୍ଗଠନର ଆବାହକ ସଞ୍ଜୟ କୁମାର ଚୌଧୁରୀ ସ୍ୱାଗତ ଭାଷଣ ଦେଇଥିଲେ। ପୂର୍ବାହ୍ନରେ ଦେଉଳସାହିରେ ଥିବା ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଅଭିଷେକ ଆଚାର୍ଯ୍ୟ, ଚନ୍ଦନ ଶେଯପଡା, ଅଜୟ ମୋଦି, ଆଡଭୋକେଟ ଅମ୍ବୁଜ ପୃଷ୍ଟି, ମାନସ କରଣ, ଶୁଭମ ଆଚାର୍ଯ୍ୟ, ମୁରଲୀଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବିରଜା ନାଏକ ଧନ୍ୟବାଦ ଦେଇଥିଲେ।

### ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ

**ଯଶିପୁର-୨।୯(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଯଶିପୁର ବ୍ଲକ ଅନ୍ତର୍ଗତ ବକଳ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ପ୍ରତିଯୋଗିତା ରବିବାର ଉଦଯାପିତ ହୋଇଯାଇଛି। ଉକ୍ତ ଦୁଇଦିନିଆ କ୍ରୀଡା ପ୍ରତିଯୋଗିତାକୁ ଏକତାଲୀ ଗ୍ରାମ ପଞ୍ଚାୟତର ସରପଞ୍ଚ ସାଲର ମାଝୀ ଯୋଗଦେଇ ଆନୁଷ୍ଠାନିକ ଭାବେ ଶନିବାର ଉଦ୍‌ଘାଟନ କରିଥିଲେ। ଏହି କ୍ରୀଡା ପ୍ରତିଯୋଗିତାରେ ଯଶିପୁର ବ୍ଲକର ବିଭିନ୍ନ ମହାବିଦ୍ୟାଳୟ ଓ ବିଦ୍ୟାଳୟରୁ ପ୍ରାୟ ୩୫୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ବ୍ଲକର ବିଭିନ୍ନ ବିଦ୍ୟାଳୟର ଦକ୍ଷ ଖେଳ ଶିକ୍ଷକମାନେ ଖେଳ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ ଶ୍ରୀରାମଜୀ ବିଦ୍ୟାଳୟରେ ହେବାକୁ ଥିବା ଜିଲାସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଜଣାପଡିଛି।

### ଦିଲ୍ଲୀରେ କଳା ଦିବସ ପାଳିବ କୁଡୁମୀ ସେନା

**ବେତନଟୀ, ୨।୯(ଡି.ଏନ.ଏ):** ମହାନ୍ତ ଜାତିକୁ ଆଦିବାସି ବର୍ଗରେ ସାମିଲ ପାଇଁ ସର୍ବ ଭାରତୀୟ ସ୍ତରରେ ଆନ୍ଦୋଳନ ପାଇଁ ଆହ୍ୱାନ କରି ଓଡିଶା ସମେତ ଚାରଟି ରାଜ୍ୟର ନେତୃବୃନ୍ଦ ଆସନ୍ତା ସେପ୍ଟେମ୍ବର ୬ତାରିଖରେ ଦିଲୀର ଯନ୍ତର ମନ୍ତରଠାରେ କଳା ଦିବସ ପାଳନ କରିବେ ବୋଲି କୁଡୁମୀ ସେନାର ରାଜ୍ୟ ଅଧକ୍ଷ ଜୟମୁନି ମହାନ୍ତ ସୂଚନା ପ୍ରଦାନ କରିଛନ୍ତି। ଏହି ଅଭିଯାନର ଶୁଭାରମ୍ଭ ମୟୂରଭଞ୍ଜ ଜିଲା ବେତନଟୀ ଅଞ୍ଚଳରୁ ସେପ୍ଟେମ୍ବର ୩ତାରିଖରେ ଦିଲୀ ଅଭମୁଖେ ଯାତ୍ରା ଆରମ୍ଭ କରିବେ ବୋଲି ସୂଚନା ପ୍ରଦାନ କରିଛନ୍ତି। ଏହି ଦିନ ମହାନ୍ତ ଜାତିକୁ ସରକାର ଆଦିବାସି ବର୍ଗରୁ ବାଦ କରିଥିବାରୁ ଏହି ଦିବସକୁ କଳା ଦିବସ ଭାବେ ପାଳନ କରିବେ। ଏଥିନେଇ ସେଠାରେ ଏକ ସର୍ବ ସାଧାରଣ ବୈଠକରେ ସର୍ବ ଭାରତୀୟ ସ୍ତରରେ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର ପାଇଁ ନେତୃବୃନ୍ଦ ଆହ୍ୱାନ ଜାରି ରଖିଛନ୍ତି। ଏହି କଳା ଦିବସ ପାଇଁ ଓଡିଶା ସମେତ ପଶ୍ଚିମବଙ୍ଗ, ଝାଡଖଣ୍ଡ ଓ ଆସାମ ରାଜ୍ୟର ଶହ ଶହ ନେତୃବୃନ୍ଦ ଯୋଗଦାନ କରିବେ ବୋଲି ଚୁଡାନ୍ତ ହୋଇଛି। ଏନେଇ ବେତନଟୀ ଡାକବଙ୍ଗଳା ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ରାଜ୍ୟ ଅଧ୍ୟକ୍ଷ ସମେତ କୁଡୁମୀ ସେନାର ସୁନ୍ଦର ମହୋନ ମହାନ୍ତ,ଡମ୍ବରୁଧର ମହାନ୍ତ, ମନୋଜ ମହାନ୍ତ, ମହିନ୍ଦ୍ର ମହାନ୍ତ, ରାଧାକୃଷ୍ଣ ମହାନ୍ତ, କଳାକର ମହାନ୍ତ, ସୋମନାଥ ମହାନ୍ତ, ଗୁରୁ ପ୍ରସାଦ ମହାନ୍ତଙ୍କ ସମେତ ନବିନ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ଏଥର ଆକର୍ଷଣ ରଥାରୂଢ଼ ଗଣେଶ

- ଝଲସିବ ଅମୃତସର ସ୍ୱର୍ଣ୍ଣ ମନ୍ଦିର ତୋରଣ
- ତିଆରି ଚାଲିଛି ୧୪ ଫୁଟ ଉଚ୍ଚ ମୂର୍ତ୍ତି
- ୧୨ ଦିନ ପୂଜା

**ବାରିପଦା ଅଫିସ,୨।୯**

ଆସନ୍ତା ୧୩ ତାରିଖରେ ଅଗ୍ରପୂଜ୍ୟ ଗଣେଶଙ୍କ ପୂଜା ଲାଗି ବାରିପଦା ସହରର ବିଭିନ୍ନ ପୂଜାମଣ୍ଡପ ପକ୍ଷରୁ ପ୍ରସ୍ତୁତି ଜୋର ଧରିଛି। ଏହି ପୂଜାରେ ଭିନ୍ନ ଆକର୍ଷଣ ଓ ପରମ୍ପରା ସୃଷ୍ଟି କରିଥିବା ବାରିପଦା କଲେଜ ଛକ ଗଣେଶ ପୂଜାକୁ ଏଥର ଅଧିକ ଆକର୍ଷଣୀୟ କରିବାକୁ ପୂଜା କମିଟି ପ୍ରସ୍ତୁତି ଆରମ୍ଭ କରିଛି। ଚଳିତ ବର୍ଷ ତୋରଣରେ ଝଲସିବ ଅମୃତସରର ସ୍ୱର୍ଣ୍ଣ ମନ୍ଦିର । ଏଥିଲାଗି ୩୦ କାରିଗର କାମରେ ଲାଗିଛନ୍ତି। ପୂଜା ପାଇଁ ମୋଟ ବଜେଟ ୯ ଲକ୍ଷ ଟଙ୍କା ମଧ୍ୟରୁ ତୋରଣ ପାଇଁ ରଖାଯାଇଛି ୩ ଲକ୍ଷ। ୬୦ ହଜାର ଟଙ୍କା ବଜେଟରେ ୧୪ ଫୁଟ ଉଚ୍ଚର ଗଣେଶ ମୂର୍ତ୍ତି ତିଆରି କାମ ଚାଲିଛି। ଏଥର ସୁସଜ୍ଜିତ ରଥ ଉପରେ ବିରାଜମାନ ହୋଇ ଶ୍ରୀଗଣେଶ ଭକ୍ତଙ୍କୁ ଦର୍ଶନ ଦେବେ। ପଶ୍ଚିମବଙ୍ଗର ୫ରୁ ଅଧିକ କାରିଗର ଏବେ ମୂର୍ତ୍ତି ତିଆରି କାମରେ ଲାଗି ପଡିଛନ୍ତି। ଗଣେଶ ଚତୁର୍ଥୀରୁ ପୂଜା ଆରମ୍ଭ ହୋଇ ୧୨ ଦିନ ଧରି ଚାଲିବ। ଶ୍ରଦ୍ଧାଳୁଙ୍କୁ ଖିରି କାକରା ପ୍ରସାଦ ରୂପେ ବଣ୍ଟାଯିବ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଭଜନ ସନ୍ଧ୍ୟା, ସ୍ଥାନୀୟ ନୃତ୍ୟ ଶିଳ୍ପୀଙ୍କୁ ନେଇ ନୃତ୍ୟ ପ୍ରଦର୍ଶନ ଓ ମେଲୋଡି କରାଯିବ। ଅନ୍ୟବର୍ଷ ଭଳି ଏଥର ମଧ୍ୟ ଠାକୁରଙ୍କ ପାଖରେ ଏକ ୫ କେଜିର ଲଡୁ ଭୋଗ ଲଗାଯିବ।


ନିର୍ମାଣାଧୀନ ସୁସଜ୍ଜିତ ରଥ ଉପରେ ଗଣେଶ ମୂର୍ତ୍ତି କାମ ଚାଲିଛି।

୧୨ ବର୍ଷ ପୂର୍ବେ ୨୦୦୭ରେ ବଡବଜାର ସ୍ଥିତ ଏମପିସି ଜୁନିୟର କଲେଜ ସମ୍ମୁଖରେ ପ୍ରାୟ ୩୦ ରୁ ଉର୍ଦ୍ଧ୍ୱ କଲେଜ ଛାତ୍ର ପଢା ସରିବା ପରେ ଖଟି କରୁଥିଲେ। ଏହି ସ୍ଥାନରେ ଶିକ୍ଷାନୁଷ୍ଠାନ ଥିବାରୁ ସେମାନେ ଗଣେଶ ପୂଜା କରିବାକୁ ସ୍ଥିର କରିଥିଲେ। ସେତେବେଳେ ନିଜ ନିଜ ଭିତରେ ସେମାନେ ଚାନ୍ଦା କରି ୭ ଶହ ଟଙ୍କାରେ ପୂଜା ଆରମ୍ଭ କରିଥିଲେ। ପୂଜା କମିଟିରେ ଯୁବକମାନେ ମିଳିତ ଭାବେ ଏଯାଏ କାର୍ଯ୍ୟ କରି ଆସୁଛନ୍ତି। କମିଟିରେ କାହାକୁ ସଭାପତି, ସମ୍ପାଦକଭଳି ପଦପଦବୀରେ ଅବସ୍ଥାପିତ କରାଯାଇନାହିଁ। ପୂଜା କମିଟିର ସଭ୍ୟ ସଂଖ୍ୟା ପ୍ରାୟ ୨ ଶହରୁ ଉର୍ଦ୍ଧ୍ୱ। କମିଟି ସଦସ୍ୟ ଅରୁଣ ବରାଡ କହନ୍ତି, ବାରିପଦା କଲେଜ ଛକ ଗଣେଶ ପୂଜାର ସ୍ୱାତନ୍ତ୍ର୍ୟ ରହିଛି। ଏଠି ଶ୍ରଦ୍ଧାଳୁଙ୍କ ଭିଡ ଜମିଥାଏ। ପୂଜା କମିଟି ସଦସ୍ୟ ହିତେଶ ଅଗ୍ରୱାଲ, ସିପକ ସାମଲ, ଅମିତ ମହାନ୍ତି, ରାହୁଲ ଗିରି, ବିଷ୍ଣୁୟ ମହାନ୍ତି, ଲୋକନାଥ ପୃଷ୍ଟି, ହରିଶଙ୍କର ଘୋଷ ଓ ଧୀରାଜ ଦାସଙ୍କ ସମେତ ଅନ୍ୟମାନେ ମିଳିମିଶି ଶାନ୍ତିଶୃଙ୍ଖଳାର ସହିତ କାର୍ଯ୍ୟ ପରିଚାଳନା କରୁଥିବା କହିଛନ୍ତି।

## ଉନ୍ନତ କୃଷି ଯନ୍ତ୍ରପାତି ତାଲିମ କାର୍ଯ୍ୟକ୍ରମ

**ବାରିପଦା ଅଫିସ,୨।୯**

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ପଶୁଶକ୍ତି ସଦୁପଯୋଗ ସମ୍ବନ୍ଧୀୟ ସର୍ବଭାରତୀୟ ସଂଯୋଜିତ ଗବେଷଣା ପ୍ରକଳ୍ପ ଓ ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ବାରିପଦା ଉପକଣ୍ଠ ବିରିଡି ଗ୍ରାମଠାରେ ବଳଦଟଣା ଉନ୍ନତ କୃଷି ଯନ୍ତ୍ରପାତି ବ୍ୟବହାର ସମ୍ପର୍କରେ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରକଳ୍ପର ଗବେଷଣା ଯନ୍ତ୍ରୀ ଡ.ସଂଗ୍ରାମ କେଶରୀ ସ୍ୱାଇଁ ପ୍ରକଳ୍ପ ପକ୍ଷରୁ ବଳଦଟଣା ଯନ୍ତ୍ରପାତି ସମ୍ପର୍କରେ ବୁଝାଇଥିଲେ। ବଳଦଟଣା ମୋଡ ପତ୍ର ଲଙ୍ଗଳ, କାଦୁଅ କରିବା ଯନ୍ତ୍ର ଏକଟାଡିଆ ମଞ୍ଜି, ସାରବୁଣା ଯନ୍ତ୍ର ଓ ଗଜାଧାନ ବୁଣାଯନ୍ତ୍ର ଆଦିର କାର୍ଯ୍ୟକାରିତା ଓ ରକ୍ଷଣାବେକ୍ଷଣା ସମ୍ପର୍କରେ ଆଲୋଚନା ହୋଇଥିଲା। ସରକାରୀ ରିହାତି ସହ ଏଗୁଡିକୁ ସ୍ୱିକୃତୀପ୍ରାପ୍ତ କାରଖାନାମାନଙ୍କରେ ପ୍ରସ୍ତୁତ କରାଯାଇ ଚାଷୀମାନଙ୍କୁ ଯୋଗାଇ ଦିଆଯିବାର ବ୍ୟବସ୍ଥା ରହିଛି ବୋଲି ମଧ୍ୟ ଆଲୋଚନା ହୋଇଥିଲା। ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ସଂଘମିତ୍ରା ପଟ୍ଟନାୟକ, ଜିଲା କୃଷି ଅଧିକାରୀ ଶ୍ରୀ ମୁର୍ମୁ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।




## ମାସା ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

**ମୋରଡା,୨।୯(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ମୋରଡା ବ୍ଲକସ୍ଥିତ ଚିତ୍ରଡା ମହାବିଦ୍ୟାଳୟରେ ମୟୂରଭଞ୍ଜ ଆଦିବାସୀ ଛାତ୍ର ସଙ୍ଗଠନ ମାସା ଆର୍ମିର ଚିତ୍ରଡା କଲେଜ କମିଟି ପକ୍ଷରୁ ନୂତନ ଶିକ୍ଷା ବର୍ଷର ଛାତ୍ରୀଛାତ୍ରୀଙ୍କ ଏକ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଉକ୍ତ କାର୍ଯ୍ୟକ୍ରମ କଲେଜ କମିଟିର ସଭାପତି ଚାନ୍ଦରାୟ ମୁର୍ମୁ ଏବଂ ମୁନି କିସ୍କୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମାସା ଆର୍ମି ରାଜ୍ୟ ଅଧକ୍ଷ ସୁକୁଲାଲ ମାରାଣ୍ଡି ଯୋଗ ଦେଇ ଭଲ ପଢିବା ସହିତ ଉତ୍ତମ ଚରିତ୍ର ଗଠନ ନିମନ୍ତେ ଛାତ୍ରୀଛାତ୍ରଙ୍କୁ ଉପଦେଶ ଦେଇଥିଲେ। ନିଜ ହକ ଅଧିକାର ହାସଲ ନିମନ୍ତେ ସମସ୍ତଙ୍କୁ ସଙ୍ଗଠିତ ହେବାପାଇ ଆହ୍ୱାନ ଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ ମାସା ଜିଲା ସଭାପତି ମୁକେଶ ମାଣ୍ଡି, ମୁଖ୍ୟବ୍ୟକ୍ତା ଭାବେ ମୋରଡା ବ୍ଲକ ସଭାପତି ଜିତେନ୍ଦ୍ର ମାଣ୍ଡି, ସମ୍ପାଦକ ଲକ୍ଷ୍ମଣ ମାଣ୍ଡି, ଗଣେଶ ମାଣ୍ଡି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରୀଛାତ୍ର ସାମିଲ ଥିଲେ।

## ବିଦ୍ୟୁତ୍ କାଟ ବନ୍ଦ ନ ହେଲେ ଧାରଣା ଦିଆଯିବ

**ବେତନଟୀ,୨।୯(ଡି.ଏନ.ଏ.)**

ଘନ ଘନ ବିଦ୍ୟୁତ କାଟ ଓ ବିଭିନ୍ନ ସମସ୍ୟାକୁ ନେଇ ବେତନଟୀ ସିଭିଲ ସୋସାଇଟି ପକ୍ଷରୁ ଆସନ୍ତା ୭ ଓ ୮ ତାରିଖ ଦୁଇଦିନ ଧରି ବେତନଟୀ ବିଦ୍ୟୁତ ଉପଖଣ୍ଡ କାର୍ଯ୍ୟାଳୟ ଆଗରେ ଧାରଣା ଦେବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଏ ବିଷୟରେ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଭାବରେ ଜଣାଇଛନ୍ତି ବୋଲି ସିଭିଲ ସୋସାଇଟିର ସମ୍ପାଦକ ସଚ୍ଚିଦାନନ୍ଦ ମହାନ୍ତି ସୂଚନା ଦେଇଛନ୍ତି। ଘନ ଘନ ବିଦ୍ୟୁତ କାଟ ଯୋଗୁ ବିଦ୍ୟୁତ ଗ୍ରାହକଙ୍କର ଅସନ୍ତୋଷ ବଢୁଛି। ଏଭଳିକି ପୁରୁଣା ଖୁଣ୍ଟରୁ ତାରଗୁଡ଼ିକ ଠିକଣା ସମୟରେ ବଦଳାଯାଉ ନ ଥିବାରୁ ଅଧିକାଂଶ ସମୟରେ ମରାମତି ନାମରେ ସେବା ବନ୍ଦ ରହୁଛି। କାର୍ଯ୍ୟରେ ଅବହେଳା ପାଇଁ ଜୀବନ ହାନି ମଧ୍ୟ ଘଟୁଛି। ଏ ବିଷୟରେ ବେତନଟୀ ଅଞ୍ଚଳର ଏକ ସାମାଜିକ ଅନୁଷ୍ଠାନ ନାମରେ ଥିବା ସିଭିଲ ସୋସାଇଟିର ସଦସ୍ୟ ମାନେ ଗତ ଅଗଷ୍ଟ ୧୩ ତାରିଖରେ ଚିଠି ନମ୍ବର ୪୬ ଯୋଗେ ବିଭାଗର ଉଚ୍ଚ କର୍ମକର୍ତ୍ତାଙ୍କୁ ଲିଖିତ ଭାବେ ଜଣାଇଥିଲେ। ମାତ୍ର ଏହାର ବିଚାର ନ ହେବାରୁ ସେମାନେ ଧାରଣା ଦେବାପାଇଁ ନିଷ୍ପତ୍ତି ନେଇଛନ୍ତି। ସଂଘର ସଭାପତି ଚୂଡ଼ାମଣି ମହାପାତ୍ର, ହରିଶ୍ଚନ୍ଦ୍ର ଗୋସ୍ୱାମୀ, ପଞ୍ଚାନନ ଆଚାର୍ଯ୍ୟ, ହରେନ୍ଦ୍ରନାଥ ବାରିକ, ରବୀନ୍ଦ୍ରନାଥ ଖଟୁଆ ପ୍ରମୁଖ କର୍ମକର୍ତ୍ତାମାନେ ଏହି ଧାରଣାରେ ସାମିଲ ହେବେ ବୋଲି ଜଣପଡ଼ିଛି।

# ଚାରିଆଡ଼େ ଜନ୍ମାଷ୍ଟମୀ ମହୋତ୍ସବ

### ପୁରପଲ୍ଲୀ ଉତ୍ସବମୁଖର

**ବଡସାହି,୨।୯(ସ୍ୱ.ପ୍ର)**

ପବିତ୍ର ଜନ୍ମାଷ୍ଟମୀ ଉତ୍ସବ ଅବସରରେ ପୁରପଲ୍ଲୀ ଉତ୍ସବମୁଖର ହୋଇଉଠିଛି। ମୟୂରଭଞ୍ଜ ଜିଲା ବଡ଼ସାହିସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଆନୁକୂଲ୍ୟରେ ରବିବାର ଜନ୍ମାଷ୍ଟମୀ ଅବସରରେ କୃଷ୍ଣ, ରାଧାବେଶ ଓ ଆଧ୍ୟାତ୍ମିକ ସାଧାରଣଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ସକାଳେ ପିଲାମାନେ କୃଷ୍ଣ ବେଶ ଧାରଣ କରିବା ସହିତ ରାଧା, ଗୋପାଳକ, ଦେବକୀ, ନନ୍ଦରାଜା, ବସୁଦେବ, ଯଶୋଦା, କଂସ, ବକାସୁର, ଶକଟାସୁର ଓ ପୂତନା ବେଶ ଧାରଣ କରି ନଗର ପରିକ୍ରମା କରିବା ସହିତ ତ୍ରିନାଥ ଦେବ, ହନୁମାନ ଓ ଜଗନ୍ନାଥ ମନ୍ଦିରକୁ ଯାଇ ଠାକୁରଙ୍କୁ ଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରଧାନ ଆଚାର୍ଯ୍ୟ ସୂର୍ଯ୍ୟକାନ୍ତି ପୁହାଣ, ପ୍ରଭଞ୍ଜନ ମହାପାତ୍ର, ଯୋଗେଶ୍ୱର ସାହୁ, ବୀଣାପାଣି ବାରିକ ପ୍ରମୁଖ ପରିଚାଳନା କରିଥିଲେ। ଏହାକୁ ଗୁରୁଜୀ ଷ୍ଟାଲିନ୍ ମାଇତି, ଶୁଭମ୍ କୁମାର ଜେନା ଓ ରଞ୍ଜୀତା ପାତ୍ର ପରିଚାଳନା କରିଥିବା ବେଳେ ପର୍ଯ୍ୟବେକ୍ଷକ ଭାବେ ନମିତା ପାତ୍ର, କବିତା ପତି, ରୀନା ଷଡ଼ଙ୍ଗୀ ଓ ହରିଶ୍ ଚନ୍ଦ୍ର ହେମ୍ବ୍ରମ୍ ଯୋଗଦାନ କରିଥିଲେ। ହରପ୍ରିୟା ସିଂ, ମାମାଲି ସାହୁ ଓ ପ୍ରତ୍ୟାଷା ପରିଚ୍ଛା କୃଷ୍ଣବନ୍ଦନା ଗାନ କରିଥିଲେ। ଜନ୍ମାଷ୍ଟମୀର ତାତ୍ପର୍ଯ୍ୟ ସମ୍ପର୍କରେ ପଣ୍ଡିତ ଅଜୟ ପାଣିଗ୍ରହୀ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ। କୃଷ୍ଣ ବେଶ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଙ୍କିତ କୁମାର ରାଉତ, ଦ୍ୱିତୀୟ ଆଦିତ୍ୟ ନାରାୟଣ ମହାରଣା ଓ ହୃଷିକେଶ ସାହୁ ଏବଂ ଆଶିଷ ମହାନ୍ତି ତୃତୀୟ ସ୍ଥାନ ହାସଲ କରିଥିଲେ। ରାଧାବେଶ ପ୍ରତିଯୋଗିତାରେ ପ୍ରଥମ ପଲ୍ଲବୀ ପ୍ରିୟଦର୍ଶନୀ ନାୟକ, ଦ୍ୱିତୀୟ ମାମାଲି ସାହୁ, ତୃତୀୟ ଶୁଭଲିପ୍ସା ମହାପାତ୍ର ଏବଂ ଆଧ୍ୟାତ୍ମିକ ସାଧାରଣଜ୍ଞାନ ପ୍ରତିଯୋଗିତାରେ ପ୍ରଥମ ଗାୟତ୍ରୀ ରାଉତ, ଦ୍ୱିତୀୟ ଜ୍ଞାନରଞ୍ଜନ ସୋରେନ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ସୁଶାନ୍ତି ବିନ୍ଧାଣୀଙ୍କୁ ପୁରସ୍କୃତ କରାଯାଇଥିଲା।

ସେହିପରି ବେଲପାଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରାଙ୍ଗଣରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି । ପ୍ରାରମ୍ଭରେ ପ୍ରଧାନ ଆଚାର୍ଯ୍ୟା ଶାଶ୍ୱତୀ ଦାସମହାପାତ୍ର କୃଷ୍ଣଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ଜଳନ ପୂର୍ବକ ପ୍ରସାଦ ଅର୍ପଣ କରିଥିଲେ । ଗୁରୁଜୀ ଅନୀଲ କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କୃଷ୍ଣ ବେଶରେ ଛାତ୍ରୀଛାତ୍ରଙ୍କୁ ନେଇ ଗାଁ ପରିକ୍ରମା କରିବା ସହିତ ମନ୍ଦିର ଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟା ମନ୍ଦିରର ସମସ୍ତ ଗୁରୁମା ଗୁରୁଜୀ ସହଯୋଗ କରିଛନ୍ତି।

ସେହିପରି ପ୍ରତାପପୁର ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ଜନ୍ମାଷ୍ଟମୀ ପାଳନ ଅବସରରେ ପିଲାମାନେ ସାମୁହିକ ଭାବେ କୃଷ୍ଣ ବେଶ ଧାରଣକରି ଥିଲେ। ପ୍ରାରମ୍ଭରେ ଦହିହାଣ୍ଡି ଭଙ୍ଗହେବା ପରେ ଛାତ୍ରୀ ଛାତ୍ରଙ୍କଦ୍ୱାରା ନଗରପରିକ୍ରମା ଅନୁଷ୍ଠିତ ହୋଇଥିଲା। ପରେପରେ ପ୍ରଧାନ ଆଚାର୍ଯ୍ୟା ରାଜଲକ୍ଷ୍ମୀ ପାହାଡସିଂଙ୍କ ଅଧକ୍ଷତାରେ ସ୍ୱଚ୍ଛତା ସଚେତନତା ଦିବସ ଉପରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା।

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରାଧାକୃଷ୍ଣ ବେଶ



**ବାଙ୍ଗିରିପୋଷି,୨।୯(ଡି.ଏନ.ଏ.)**

ବାଙ୍ଗିରିପୋଷି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି । ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର କର୍ମକର୍ତ୍ତା ତଥା ବିଦ୍ୟାଳୟର ପୂର୍ବତନ ସମ୍ପାଦକ ପ୍ରଦୀପ କୁମାର ମହାନ୍ତି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଶ୍ରୀକୃଷ୍ଣ ଭଗବାନଙ୍କ ଅବତାର ବିଷୟରେ ମାର୍ଗଦର୍ଶନ କରିଥିଲେ। ଆଚାର୍ଯ୍ୟା ମୋନାଲୀ ଦେ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଆଚାର୍ଯ୍ୟା ସୁକୁମାର ଗିରି ଧନ୍ୟବାଦ ଅର୍ପଣ କରିଥିଲେ । ଶିଶୁ ପ୍ରାରମ୍ଭରୁ ୩ୟ ଶ୍ରେଣୀ ପର୍ଯ୍ୟନ୍ତ ଶିଶୁମାନଙ୍କ ବେଶ ପ୍ରତିଯୋଗିତା ହୋଇଥିଲା ଏବଂ ଶିଶୁମାନେ ଟ୍ରଲିରେ ବଜାର ପରିକ୍ରମା କରି ଲକ୍ଷ୍ମୀନାରାୟଣ ମନ୍ଦିରକୁ ଦର୍ଶନ ପାଇଁ ଯାଇଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଚିତ୍ତରଞ୍ଜନ ମହାନ୍ତ, ଆଚାର୍ଯ୍ୟା ଆଚାର୍ଯ୍ୟ, ସେବିକା-ସେବକ ଏଥିରେ ପୂର୍ଣ୍ଣ ସହଯୋଗ କରିଥିଲେ ।

**କୋଷ୍ଠା:** ରବିବାର ଥିଲା ପବିତ୍ର ଭାଦ୍ରବ ମାସ କୃଷ୍ଣ ପକ୍ଷ ଅଷ୍ଟମୀ ତିଥି । ଅବତାର ପୁରୁଷ ଭଗବାନ ଶ୍ରୀ କୃଷ୍ଣଙ୍କର ଜନ୍ମ ଦିନ। ସେଥିଲାଗି କୋଷ୍ଠା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି। କୁନି କୁନି ପିଲାମାନେ ଶ୍ରୀକୃଷ୍ଣ ଓ ରାଧା ବେଶରେ ସଜ୍ଜିତ ହୋଇ ଶିଶୁ ମନ୍ଦିରରେ ପହଞ୍ଚିବା ପରେ ପ୍ରଧାନ ଆଚାର୍ଯ୍ୟ ରଞ୍ଜନ କୁମାର ଦାସଙ୍କ ପୌରୋହିତ୍ୟରେ ସମସ୍ତ ଗୁରୁମା, ଗୁରୁଜୀଙ୍କ ଗହଣରେ ଏକ ସଭା ଅନୁଷ୍ଠିତ ହୋଇ ଏହି ଦିନର ମହତ୍ତ୍ୱ ଉପରେ ସୂଚନା ପ୍ରଦାନ କରାଯାଇଥିଲା।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍ଫି ଉଠାଇ balasoreselfie@gmail.com ରେ ଆମର ସେଲ୍ଫି କର୍ଣ୍ଣରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଲବରେ ସାମିଲ ହୁଅନ୍ତୁ।







@ ଲିପି


@ ଦୁର୍ଯ୍ୟୋଧନ


@ ଅଲ୍ଲି


@ ଗୋପୀନାଥ


@ ଚିନ୍ମୟୀ

**ସେଲ୍ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | Balasoreselfie@gmail.com (ନିର୍ବାଚିତ ସେଲ୍ଫି ପ୍ରକାଶ ପାଇବ)

**ସଂକ୍ଷେପରେ**

## ଜମି ଠକେଇ ମାମଲାରେ ବାପା ପୁଅ ଗିରଫ

ପଟଣା, ୨।୯(ସ୍ୱ.ପ୍ର.): ପଟଣା ଥାନା ଗୋରଙ୍ଗଯୋଡ଼ି ଗ୍ରାମର ଜମିବାଡ଼ି ଠକେଇ ମାମଲାରେ ବାପାପୁଅଙ୍କୁ ରବିବାର ସହାରପଡ଼ା ଫାଣ୍ଡି ଅଧିକାରୀ ଅଶୋକ କୁମାର ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସେମାନେ ହେଲେ ବାପା ଘାସିଆ ନାଏକ ଓ ପୁଅ ଅନିରୁଦ୍ଧ ନାଏକ। ସାହାରପଡ଼ା ମୁଖ୍ୟାଳୟ ବ୍ଲକ ନିକଟରେ ଥିବା ଏକ ମୂଲ୍ୟବାନ ପ୍ଲଟକୁ ବାପପୁଅ ମିଶି ପ୍ରଥମେ ୨୦୦୮ରେ କଲ୍ୟାଣ ନାଏକଙ୍କୁ ବିକିବା ପରେ ପୁଣି ସେହି ପ୍ଲଟକୁ ସାନ ଧନୁର୍ଜୟପୁର ଗ୍ରାମର ବିଭୀଷଣ ନାଏକଙ୍କୁ ୨୦୧୨ରେ ଦେଢ଼ ଲକ୍ଷ ଟଙ୍କାରେ ଡବଲ କରି ବିକ୍ରି କରିଥିବାର ଅଭିଯୋଗ ପଟଣା ଥାନାରେ ମେ ୨୫ରେ ହୋଇଥିଲା। ଏ ନେଇ ପଟଣା ଥାନାରେ ଏକ ମାମଲା (ନଂ.୮୧/୧୮)ରେ ରୁଜୁ ହୋଇଥିଲା। ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

## ଛାତ୍ରୀଛାତ୍ରଙ୍କ ସୁରକ୍ଷିତ ଯାତ୍ରାକୁ ନେଇ ଚିନ୍ତା

ଚମ୍ପୁଆ,୨।୯(ଡି.ଏନ.ଏ.)-ଲାଞ୍ଛା ଓ ମୁକ୍ତି ସୁରକ୍ଷା ସାମାଜିକ ଅନୁଷ୍ଠାନ ଓଡିଶା ଜନସେବା ସଙ୍ଗଠନ ପକ୍ଷରୁ ଛାତ୍ରୀଛାତ୍ରଙ୍କ ସୁରକ୍ଷିତ ଯାତ୍ରାକୁ ନେଇ ଉପଜିଲାପାଳଙ୍କଠାରେ ସଙ୍ଗଠନର କର୍ମକର୍ତ୍ତାମାନେ ଫେରାଦ ହୋଇଥିବା ଜଣାଯାଇଛି। ଏହାର ନିରାକରଣ ନିମନ୍ତେ ଏକ ଲିଖିତ ଅଭିଯୋଗ ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଜନସେବା ସଙ୍ଗଠନ ରାଜ୍ୟ ସମ୍ପାଦକ ମହେନ୍ଦ୍ର କୁମାର ଗିରିଙ୍କ ଅଭିଯୋଗ ଅନୁଯାୟୀ ସରକାରଙ୍କ ନିୟମକୁ ନ ମାନି ଚମ୍ପୁଆସ୍ଥିତ ବିଭିନ୍ନ ସରକାରୀ ଓ ବେସରକାରୀ ବିଦ୍ୟାଳୟଗୁଡ଼ିକୁ ଅଟୋରିକ୍ସା, ଭ୍ୟାନ ଓ ସ୍କୁଲ ବସ ଗୁଡିକରେ ଆବଶ୍ୟକରୁ ଅଧିକ ଛାତ୍ରୀଛାତ୍ରଙ୍କୁ ନେବା ଆଣିବା କରାଯାଉଛି। ମାତ୍ର ଛାତ୍ରୀଛାତ୍ରଙ୍କ ସୁରକ୍ଷା ନେଇ କୌଣସି ବ୍ୟବସ୍ଥା କରାଯାଉନାହିଁ।

# ରାଧାକୃଷ୍ଣ ବେଶରେ ଛାତ୍ରୀଛାତ୍ର

**କେନ୍ଦୁଝର, ୨।୯(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବିଶ୍ୱହିନ୍ଦୁ ପରିଷଦ ତରଫରୁ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ବିଶ୍ୱହିନ୍ଦୁ ପରିଷଦର ସ୍ଥାପନା ଦିବସ ଏବଂ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ବିଶାଳ ଶୋଭାଯାତ୍ରା ମାଇନି ରୋଡସ୍ଥିତ ଶ୍ରୀରାମ ମନ୍ଦିରଠାରୁ ବାହାରି ନଗର ପରିକ୍ରମା ପରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର କେନ୍ଦୁଝରଠାରେ ପହଞ୍ଚିଥିଲା। ପରେ ଏକ ଧର୍ମସଭା ବିଶ୍ୱହିନ୍ଦୁ ପରିଷଦ ଜିଲା ସଭାପତି ତୁଷାରକାନ୍ତ ସାମନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତା ପଣ୍ଡିତ ରଙ୍ଗାଧର ବେହେରା ଏବଂ ଜିଲା ଉପସଭାପତି କାହ୍ନୁଚରଣ ମହାନ୍ତ ଯୋଗଦେଇ ଶ୍ରୀକୃଷ୍ଣଙ୍କ ପରି ହିନ୍ଦୁଧର୍ମ ସୁରକ୍ଷାରେ ଲାଗିବା ପାଇଁ ପରାମର୍ଶ ଦେଇଥିଲେ। ବିଶ୍ୱହିନ୍ଦୁ ପରିଷଦ କେନ୍ଦୁଝର ବିଭାଗ ସଭାପତି ଆଡଭୋକେଟ୍ ଚତୁର୍ଭୁଜ ହୋତା ଏବଂ ଏକଲ ବିଦ୍ୟାଳୟ ସଭାପତି ଇଂ.ବସନ୍ତ କୁମାର ଦାନୀ ସମସ୍ତେ ଏକଜୁଟ ହୋଇ ହିନ୍ଦୁଧର୍ମର ସୁରକ୍ଷା ପାଇଁ କାର୍ଯ୍ୟ କରିବାକୁ ନିବେଦନ କରିଥିଲେ। ବିଶ୍ୱ ହିନ୍ଦୁ ପରିଷଦ କେନ୍ଦୁଝର ବିଭାଗ ସମ୍ପାଦକ ମଦନ ମୋହନ ଦ୍ୱିବେଦୀ ବିଶ୍ୱ ହିନ୍ଦୁ ପରିଷଦର ଗଠନର ଆବଶ୍ୟକତା, ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନର ଗାଥା ବର୍ଣ୍ଣନା କରିଥିଲେ। ଜିଲା ସହସମ୍ପାଦକ ସ୍ୱପ୍ନେଶ୍ୱର ସାହୁ ସଭା ପରିଚାଳନା କରିଥିଲେ। ପଦ୍ମିନୀ ମହାନ୍ତ ଶାନ୍ତିପାଠ କରିଥିଲେ। ସଭା ପରିଚାଳନାରେ ଉପସଭାପତି ରବୀନ୍ଦ୍ର ପଣ୍ଡା, ସମ୍ପାଦକ ଘନଶ୍ୟାମ ମହାନ୍ତ, ସହସମ୍ପାଦକ କେଦାରନାଥ ଦାଶ, ସତସଂଘ ପ୍ରମୁଖ ପ୍ରଫୁଲ ଚନ୍ଦ୍ର ମହାନ୍ତ, ପ୍ରଧାନାଚାର୍ଯ୍ୟ ରାଜେନ୍ଦ୍ର ପ୍ରସାଦ ଅଗସ୍ତି, ରମେଶ ଚନ୍ଦ୍ର ହୋତା ସହଯୋଗ କରିଥିଲେ। ଶୋଭାଯାତ୍ରା ପରିଚାଳନା ବଜରଙ୍ଗଦଳ ପ୍ରମୁଖ ସରୋଜ ନାୟକ, ପୂର୍ଣ୍ଣଚନ୍ଦ୍ର ମିଶ୍ର, ଡାକ୍ତର ମହାନ୍ତ, ଅଜିତ ଜେନା, ଦେବାଶୀଷ ପତି, ଟୁକୁନୀ ବାରିକ, ମାମିନା ରାଉସ, ଖଗେଶ୍ୱର ରାଉସ, ଧନୁର୍ଜୟ ମହାନ୍ତ ଆଦିଙ୍କ ସହଯୋଗରେ ହୋଇଥିଲା।

**ଝୁମ୍ପୁରା, ( ଡି.ଏନ.ଏ.)**

ଝୁମ୍ପୁରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ଶିଶୁ ମନ୍ଦିରର ପ୍ରଧାନାଚାର୍ଯ୍ୟ ବିପିନ ବିହାରୀ ଖଣ୍ଡାୟୀ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ଆଚାର୍ଯ୍ୟ ତାଥା ପାଲା ଗାୟକ ନିଧିକାନ୍ତ ବାରିକ ଜନ୍ମାଷ୍ଟମୀ ଉତ୍ସବ ପାଳନ ସମ୍ପର୍କରେ ଛାତ୍ରୀଛାତ୍ରଙ୍କ ଗହଣରେ ଉପାଦେୟ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ବରିଷ୍ଠ ଆଚାର୍ଯ୍ୟ ଘାସିନାଥ ପ୍ରଧାନ ଭାଗବତ ପାଠ କରିଥିଲେ। ପରେ ରାଧାକୃଷ୍ଣ ବେଶରେ ସଜ୍ଜିତ ଥିବା ଛାତ୍ରୀଛାତ୍ରଙ୍କୁ ଗ୍ରାମ ପରିକ୍ରମା କରାଯାଇଥିଲା। ସମୁଦାୟ ୧୯୫ ଛାତ୍ରୀଛାତ୍ର ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇଥିଲେ। ରାଧାକୃଷ୍ଣ ବେଶଧାରୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

**ଚମ୍ପୁଆ, (ଡି.ଏନ.ଏ.)**

ଚମ୍ପୁଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜନ୍ମାଷ୍ଟମି ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ତୁଳସିରାମ ମାହାନ୍ତ ଯୋଗଦେଇ ଶ୍ରୀକୃଷ୍ଣଙ୍କ ବାଲ୍ୟଲିଳା ବର୍ଣ୍ଣନା କରିବା ସହ ଶ୍ରୀମଦ ଭାଗବତ ଗୀତା ବିଷୟରେ କହିଥିଲେ। ପ୍ରଧାନ ଆଚାର୍ଯ୍ୟ ଧରଣି ଧର ଦାସ ଭଗବାନ ବିଷ୍ଣୁଙ୍କର ଦଶ ଅବତାର ସମ୍ପର୍କରେ ବାଖ୍ୟା କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ଶ୍ରୀକୃଷ୍ଣ ବେଶ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

**ରାଇସୁଆଁ, (ଡି.ଏନ.ଏ.)**

ସଦର ବ୍ଲକ ରାଇସୁଆଁ, ପଦ୍ମପୁର, ମହାଦେଇଯୋଡା, ପଳାଶପଙ୍ଗା, ବାଉରୀପଦା, ଗୋବର୍ଦ୍ଧନପୁର, ପର୍ଜନପୁର, ବରଦାପାଳ ଆଦି ଅଞ୍ଚଳରେ ଜନ୍ମାଷ୍ଟମୀ ପାଳତ ହୋଇଯାଇଛି। ରାଇସୁଆଁ ଶିଶୁ ମନ୍ଦିରରେ ଛାତ୍ରୀଛାତ୍ର ଶ୍ରୀକୃଷ୍ଣଙ୍କ ବେଶରେ ଧାରଣ କରିଥିଲେ। ମୁଖ୍ୟ ଅତିଥି ଭାବେ ଗଦାଧର ଖଟୁଆ, ଗଜେନ୍ଦ୍ର ରାଉତ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରଧାନ ଗୁରୁଜୀ ଲଳିତ ମହାନ୍ତ, ଗୁରୁଜୀ ଦିବାକର ଦଣ୍ଡସେନା ସହଯୋଗ କରିଥିଲେ।

**ବଡ଼ବିଲ, (ସ୍ୱ.ପ୍ର.)**

ବଡ଼ବିଲସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ସକାଳ ୭ଟାରୁ ୯ ଟା ପର୍ଯ୍ୟନ୍ତ ବିଦ୍ୟାଳୟ ପରିସରରେ ପ୍ରାର୍ଥନା, କୃଷ୍ଣ ପୂଜନ ଓ ଭାଗବତ ପାଠ କରାଯାଇଥିଲା। ଛାତ୍ରୀଛାତ୍ର କୃଷ୍ଣ ଓ ରାଧା ବେଶରେ ସୁସଜ୍ଜିତ ହୋଇ ବେଶ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ମୋଟ ୨୨୦ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ୬୦୦ ଛାତ୍ରୀଛାତ୍ରଙ୍କୁ ନେଇ ନଗର ପରିକ୍ରମା ହୋଇଥିଲା।

**ହାଟଡିହୀ, (ଡି.ଏନ.ଏ.)**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଗେଡମା ପଞ୍ଚାୟତ ଜଳସରପୁର ସରସ୍ୱତୀ ଶିଶୁ ମନ୍ଦିରରେ ଜନ୍ମାଷ୍ଟମୀ ପର୍ବ ପାଳିତ ହୋଇଯାଇଛି। ଶିଶୁ ମନ୍ଦିରର ଶିଶୁ ଭଉଣୀଭାଇ ରାଧାକୃଷ୍ଣ ବେଶ ଧାରଣ କରି ଶାଳଣିଆଁ ବଜାର ପରିକ୍ରମା କରିଥିଲେ। ଉତ୍ସବକୁ ପରିଚାଳନା ସମିତିର ସଭାପତି ଅନାଥ ଚରଣ ନାୟକ , ଉପସଭାପତି ପ୍ରତାପ ଦେଓ, ସମ୍ପାଦକ ରବିନ୍ଦ୍ର ଜେନା, ସହ ସମ୍ପାଦକ କାମଦେବ ସାହୁ, କୋଷାଧ୍ୟକ୍ଷ କାଳନ୍ଦୀ ଚରଣ ସାହୁ, ସଭ୍ୟ ପ୍ରଦୀପ ଜେନା, ସଭ୍ୟା କାଳନ୍ଦୀ ସେଠୀଙ୍କ ସମେତ ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଜେନା, ରମାକାନ୍ତ ବେହେରା, ପ୍ରଭାତ ପେଡା, ହରେକୃଷ୍ଣ ବାରିକ, ଆଚାର୍ଯ୍ୟା ପ୍ରମିଳା ମିଶ୍ର, ସଞ୍ଜୁଲତା ସାମଲ, ମନୋରମା ବାରିକ, ପଦ୍ମିନୀ ଜେନା, ସୁଚିସ୍ମିତା ଓଝା, ସ୍ୱାଗତିକା ପାତ୍ର, ମମତା ମୟୀ ବେହେରା, ସେବିକା ବେଙ୍ଗଲତା ସାହୁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

**ପଟଣା, (ସ୍ୱ.ପ୍ର.)**

ତୁରୁମୁଙ୍ଗା ଓ ପଟଣା ମୁଖ୍ୟାଳୟସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପାଳିତ ହୋଇଛି। ଛାତ୍ରୀଛାତ୍ର ଶ୍ରକୃଷ୍ଣ ବେଶ ପ୍ରତିଯୋଗିତାରେ ଭାଗ ନେଇଥିଲେ। ପଟଣାରେ ପଲଗାୟକ ମଧୁସୂଦନ ବାରିକ, ପ୍ରଧାନ ଆଚାର୍ଯ୍ୟ ସତ୍ୟଜିତ ପ୍ରଧାନ ଓ ସହପ୍ରଧାନ ଆଚାର୍ଯ୍ୟ ଗଣେଶ୍ୱର କର ପିଲାମାନଙ୍କୁ ଶ୍ରୀକୃଷ୍ଣ ଙ୍କ ଜୀବନ ଚରିତ୍ର ଶୁଣାଇଥିଲ। ଅନୁରୂପ ଭାବେ ତୁରୁମୁଙ୍ଗାଠାରେ ପରିଚାଳନା ପରିଷଦ ସଭାପତି ରକ୍ଷାକର ସାହୁ, ପୂର୍ବତନ ସଭାପତି କୁଳମଣି ସାହୁ ଓ ପ୍ରଧାନ ଆଚାର୍ଯ୍ୟ ବାବାଜୀ ପଣ୍ଡା ପ୍ରମୁଖ ପିଲାମାନଙ୍କୁ କୃଷ୍ଣଙ୍କ ଚରିତ ଶୁଣାଇଥିଲେ। ସୁଆମ ଶାସନଠାରେ ମହିଳାମାନେ ଜନ୍ମାଷ୍ଟମୀ ଉପବାସ କରିବା ସହ କୃଷ୍ଣଙ୍କୁ ଝୁଲଣ ଝୁଲାଇଥିଲେ।

**ଢେଙ୍କିକୋଟ, (ଡି.ଏନ.ଏ.)**

ଢେଙ୍କିକୋଟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଢେଙ୍କିକୋଟ ପ୍ରାତଃ ଶାଖାର ଶାଖା ପରିଚାଳକ ତୃପ୍ତିରଞ୍ଜନ ସାହୁ, ସମ୍ମାନିତ ଅତିଥି ଖବରଦାତା ନୀଳମଣି ମଣ୍ଡଳ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଲୋକନାଥ ମହାନ୍ତଙ୍କ ସଭାପତିତ୍ୱରେ ଗୁରୁମା ତେଜସ୍ୱିନୀ ମିଶ୍ର ସଭା ପରିଚାଳନା କରିଥିଲେ। ଗୁରୁଜୀ ବୈଲୋଚନ ରାଉତ ଅତିଥି ପରିଚୟ ଦେଇଥିଲେ। ଛାତ୍ରୀଛାତ୍ର ଶ୍ରୀକୃଷ୍ଣ ବେଶରେ ସୁସଜ୍ଜିତ ହୋଇଥିଲେ। କୃଷ୍ଣବେଶଧାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଯଶୋବନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀଛାତ୍ର ବଜାର, ସାହିବସ୍ତି ପରିକ୍ରମା କରିଥିଲେ।

ଢେଙ୍କିକୋଟ ଜଗନ୍ନାଥ ମନ୍ଦିର ଓ ରଥ କମିଟି ତରଫରୁ ଜନ୍ମାଷ୍ଟମୀ ଉତ୍ସବ ପାଳନ କରାଯାଇଛି। ପୂଜକ କଳାକାର ପଣ୍ଡାଙ୍କ ଦ୍ୱାରା ତିନି ଠାକୁରଙ୍କ ସ୍ନାନ କରି ଯତାରୀତି ପୂର୍ବକ ପୂଜା ପାଠ କରାଯାଇଥିଲା। ହୋମଯଜ୍ଞ କରାଯାଇ କମିଟିର ସଭାପତି ଢେଙ୍କିକୋଟ ସରପଞ୍ଚ ଗୌରୀ ବାରିକଙ୍କ ତତ୍ତ୍ୱାବଧାନରେ ସମ୍ପାଦକ ବିଜୟ ମଣ୍ଡଳ, ଉପଦେଷ୍ଟା ମଣ୍ଡଳ, ପ୍ରଫେସର ଯୁଗଳ କିଶୋର ଦାସ, ଶିକ୍ଷାବିତ୍ ଦିନମଣି ବେହେରା, ସମାଜସେବୀ କୁଳମଣି ମଣ୍ଡଳ, ଦିନେଶ ମିଶ୍ର, ଦିଗମ୍ବରାୟକ, ରାମଚନ୍ଦ୍ର ସାହୁ, ସୁଶାନ୍ତ ମଣ୍ଡଳ, ପଞ୍ଚାନନ ମଣ୍ଡଳ, ଦୁଃଷ୍ମନ୍ତ ସାହୁ, ତନ୍ମୟ ନାୟକ, ରବୀନ୍ଦ୍ର ମାଝୀ, ଆଶିଷ ମଣ୍ଡଳ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ। କମିଟିର ନୀଳମଣି ମଣ୍ଡଳ, ବିଜୁ ମଣ୍ଡଳ, ରବୀନ୍ଦ୍ର ମଣ୍ଡଳ, ବିଷ୍ଣୁ ମଣ୍ଡଳ, ସମସ୍ତ କାର୍ଯ୍ୟ ତଦାରଖ କରି ପରିଚାଳନା କରିଥିଲେ। ପୂର୍ବତନ ସରପଞ୍ଚ ଅଲେଖ ଚନ୍ଦ୍ର ସିଂହ, କୃଷ୍ଣଚନ୍ଦ୍ର ବାରିକ, ଦୈତାରୀ ନାୟକ, କମିଟିର ସକ୍ରିୟ ସଦସ୍ୟ ଭାବେ ଉତ୍ସବକୁ ସରସ ସୁନ୍ଦର କରିଥିଲେ।



ଚମ୍ପୁଆରେ ପିଲାମାନେ ରାଧାକୃଷ୍ଣ ବେଶରେ ବସିଛନ୍ତି।



**ବଡ଼ବିଲ:** ଛାତ୍ରୀଛାତ୍ର ରାଧାକୃଷ୍ଣ ବେଶରେ ସୁସଜ୍ଜିତ ହୋଇଛନ୍ତି।



**ଢେଙ୍କିକୋଟ:** ରାଧାକୃଷ୍ଣ ବେଶଧାରୀ ପିଲାମାନେ।



**ପାଟଣା:** ରାଧାକୃଷ୍ଣ ବେଶରେ ଛାତ୍ରୀଛାତ୍ର।

# ଚୁକ୍ତି ଖିଲାପ କଲେ ଖଣି କର୍ତ୍ତୃପକ୍ଷ

**ଯୋଡ଼ା, ୨।୯ (ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳର ଜୁରୁଡିସ୍ଥିତ ଏସେଲ ଖଣି କର୍ତ୍ତୃପକ୍ଷ କ୍ଷତିଗ୍ରସ୍ତ ଗ୍ରାମବାସୀଙ୍କ ସହ କରିଥିବା ଚୁକ୍ତିନାମାର ଖିଲାପ କରି ରେଳ ସାଇଡିଂରେ କାର୍ଯ୍ୟ ଦେଇ ନ ଥିବା ଅଭିଯୋଗ ହୋଇଛି। ଏ ନେଇ କରି ଗ୍ରାମବାସୀ ଆନ୍ଦୋଳନର ଚେତାବନୀ ଦେଇଛନ୍ତି। ସ୍ଥାନୀୟ ଜଜାଙ୍ଗ, ଗୁରୁତୁଆଁ, କମଳପୁର, ବନ୍ଧୁଆବେଡା, ଜାମିର୍ଡା ଓ ଲହୁଣିପଶି ଗ୍ରାମର ଆଦିବାସୀ ହରିଜନ ସମ୍ପ୍ରଦାୟର ଲୋକେ ଦାବି ଉପସ୍ଥାପନ କରି ଦସ୍ତଖତ ସମ୍ବଳିତ ଏକ ଲିଖିତ ଅଭିଯୋଗ ପତ୍ର ଚମ୍ପୁଆ ଉପଜିଲାପାଳଙ୍କୁ ଦେଇଛନ୍ତି। ୨୦୦୨ରେ ଏସେଲ କମ୍ପାନୀ ଜୁରୁଡି-ଗୁରୁତୁଆଁ ମୁଖ୍ୟ ଯାତାୟାତ ରାସ୍ତାକୁ ବନ୍ଦ କରି ନିଜସ୍ୱ ରେଳ ସାଇଡିଂ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲା। ଏ ନେଇ ଗ୍ରାମବାସୀ ବିରୋଧ କରିଥିଲେ। କମ୍ପାନୀ କର୍ତ୍ତୃପକ୍ଷ ଗ୍ରାମବାସୀଙ୍କ ସହ ଆପୋଷ ବୁଝାମଣା କରି ରେଳ ସାଇଡିଂରେ ରେଳଡବା (ୱାଗନ) ଲୋଡିଂ ଓ ସମତୁଲ (ଲେଭଲିଂ) କାର୍ଯ୍ୟ ଦେବାର ପ୍ରତିଶ୍ରୁତି ଦେବା ସହ ଏକ ଚୁକ୍ତିନାମା ସ୍ୱାକ୍ଷର କରିଥିଲା। କମ୍ପାନୀ ପୁରୁଣା ରାସ୍ତା ବଦଳରେ ଜଜାଙ୍ଗ ମୌଜାର ଆଦିବାସୀ ଜନଜାତିଙ୍କ ନାମରେ ଥିବା ଜମି ଉପରେ ଏକ ନୂତନ ଡାଇଭର୍ସନ ରାସ୍ତା ନିର୍ମାଣ କରିଥିଲା। ନୂତନ ଡାଇଭର୍ସନ ରାସ୍ତା ପାଇଁ ଆଦିବାସୀ ଜନଜାତି ଜମି ମାଲିକମାନେ କମ୍ପାନୀର ନିଜସ୍ୱ ରେଳ ସାଇଡିଂରେ କାର୍ଯ୍ୟ ପାଇବା ଓ ରୋଜଗାର କରିବା ଆଶାରେ ଉକ୍ତ ଜମିକୁ କମ୍ପାନୀକୁ ଦେଇଥିଲେ। ପଞ୍ଚଶକ୍ତି ଏଣ୍ଟାପ୍ରାଇଜେସ ସଂସ୍ଥାର ସଦସ୍ୟ ନରେନ୍ଦ୍ର ହାସଦା, ପ୍ରଶାନ୍ତ ଘଣା, ଚିତ୍ତରଞ୍ଜନ ନାଏକ, ସୁନିଆ ନାଏକ, ମଧୁସୁଦନ ହାସଦା ପ୍ରମୁଖ କହିଛନ୍ତି ଯେ, କମ୍ପାନୀର ରେଳ ଲୋଡିଂ ଓ ଲେଭଲିଂ କାର୍ଯ୍ୟ କରୁଛି। ବର୍ତ୍ତମାନର ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ କାର୍ଯ୍ୟାଦେଶ ପାଇଥିବା ପଞ୍ଚଶକ୍ତି ଏଣ୍ଟରପ୍ରାଇଜେସ ସଂସ୍ଥାରେ ସଦସ୍ୟ ନ ଥାଇ ଉକ୍ତ ସଂସ୍ଥା ନାମରେ ଏକ ଲେଟର ପ୍ୟାଡରେ ୩୦।୦୪।୨୦୦୫ରେ ଟନ ପ୍ରତି ୬ ଟଙ୍କା ଲେଖାଏଁ ପେ-ଲୋଡର ମେଶିନର ଲୋଡିଂ ଖର୍ଚ୍ଚ ପଞ୍ଚଶକ୍ତି ଏଣ୍ଟରପ୍ରାଇଜେସ କରିଥିବା ଲୋଡିଂ ବିଲରୁ ପ୍ରତିମାସ କାଟି ମେସର୍ସ ନାରାୟଣ ସନ୍ସ ନାମକ ଠିକା ସଂସ୍ଥାକୁ ପେମେଣ୍ଟ କରିବା ପାଇଁ ଏସେଲ କମ୍ପାନୀର ଡେପୁଟି ଜେନେରାଲ ମ୍ୟାନେଜର (ଲୋଜିଷ୍ଟିକ)ଙ୍କୁ ଜଣାଇଥିବା ସେମାନେ ଅଭିଯୋଗ କରିଛନ୍ତି। ଏହାର ଉଚ୍ଚସ୍ତରୀୟ ନ୍ୟାୟିକ ତଦନ୍ତ ଦାବି ହୋଇଛି। ୨୦୧୩ରେ ଖଣିଟି ବୈଧାନିକ କାରଣରୁ ବନ୍ଦ ହୋଇଥିଲା। ପୁନର୍ବାର ୧୨।୦୩।୨୦୧୮ରେ ଖଣି ଖୋଲିବା ପରେ ଖଣି ପ୍ରଭାବିତ ପଞ୍ଚଶକ୍ତି ଏଣ୍ଟରପ୍ରାଇଜେସ ସଂସ୍ଥା ଚୁକ୍ତିନାମା ଅନୁଯାୟୀ କାର୍ଯ୍ୟାଦେଶ ପାଇଁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲା। କମ୍ପାନୀ କର୍ତ୍ତୃପକ୍ଷ ୧୫ ଦିନ ମଧ୍ୟରେ କାର୍ଯ୍ୟାଦେଶ ଦିଆଯିବାର ପ୍ରତିଶ୍ରୁତି ଦେଇଥିଲା। ମାତ୍ର କମ୍ପାନୀ ଦିନ ଗଡାଇ କାର୍ଯ୍ୟାଦେଶ ଦେବାରେ ଅଣଦେଖା କରିଛି। ବହୁବାର ଚିଠି ମାଧ୍ୟମରେ ଅବଗତ କରାଯାଇଥିଲେ ହେଁ କମ୍ପାନୀ ଏହାର କୌଣସି ସମାଧାନ କରୁ ନ ଥିବା ଶ୍ୟାମସୁନ୍ଦର ବାରିକ, ଭାତଲ ମାଝୀ, କେଶରୀ ମାଝୀ, ମାନିଆ ମୁଣ୍ଡା ପ୍ରମୁଖ ଅଭିଯୋଗ କରିଛନ୍ତି। କମ୍ପାନୀ ପକ୍ଷରୁ ୭ଦିନ ମଧ୍ୟରେ ଏହାର ସମାଧାନ କରା ନ ଗଲେ ଗ୍ରାମବାସୀ ବାଧ୍ୟ ହୋଇ ଏସେଲ ଖଣିର ଖଣିଜ ପଦାର୍ଥ ଉତ୍ତୋଳନ କାର୍ଯ୍ୟ ଓ ନିଜସ୍ୱ ରେଳସାଇଡିଂ ବନ୍ଦ କରିଦେବା ପାଇଁ ଲିଖିତ ଅଭିଯୋଗ ପତ୍ରରେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଏସେଲ ଖଣି ପଦାଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ପ୍ରତିକ୍ରିୟା ମିଳିପାରି ନାହିଁ।

# ପୃଥକ ସ୍ଥାନରୁ ଶିଶୁ ଶ୍ରମିକ ଉଦ୍ଧାର

**ଆନନ୍ଦପୁର/ ବଡ଼ବିଲ/ ଯୋଡ଼ା/ ଚମ୍ପୁଆ/ ତେଲକୋଇ, ୨।୯ (ସ୍ୱ.ପ୍ର./ଡି.ଏନ.ଏ.)**

କେନ୍ଦୁଝର ଜିଲାର ପୃଥକ ସ୍ଥାନରୁ ଶିଶୁ ଶ୍ରମିକ ଉଦ୍ଧାର କରାଯାଇଛି। ଘସିପୁରା ଥାନା ଅଞ୍ଚଳରୁ ପୋଲିସ ୧୨ ନାବାଳକଙ୍କୁ ଉଦ୍ଧାର କରିଛି। ଘସିପୁରା ପୋଲିସ ସ୍ଥାନୀୟ ଅଞ୍ଚଳରେ ଚଢାଉ କରି ହୋଟେଲ ଓ ଢାବାରୁ ନାବାଳକମାନଙ୍କୁ ଉଦ୍ଧାର କରିଛି। ବଡବିଲରେ ପୋଲିସ ପକ୍ଷରୁ ଅପରେଶନ ପରୀ-୨ ଅଭିଯାନ ଆରମ୍ଭ ହୋଇଛି। ରବିବାର ଅଞ୍ଚଳର ବିଭିନ୍ନ ଗ୍ୟାରେଜ, ହୋଟେଲ ଓ ଦୋକାନ ଗୁଡିକରେ ଚଢାଉ କରି ୪୭ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଥିଲା। ସେମାନଙ୍କ ମାତାପିତା ଓ ସମ୍ପର୍କୀୟମାନେ ୨୪ ଶିଶୁଙ୍କୁ ନିଜ ସାଙ୍ଗରେ ନେଇ ଯାଇଥିବାବେଳେ ୨୩ ଜଣଙ୍କୁ ପୋଲିସ ଏକ ସ୍କୁଲ ବସ ଯୋଗେ କେନ୍ଦୁଝରସ୍ଥିତ ଚାଇଲ୍ଡ ଲାଇନକୁ ପଠାଇଥିବା ଜଣାପଡିଛି।

ଯୋଡ଼ା ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ୧୦ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଥିଲା। ଯୋଡା ଥାନା ସବ୍‌ଇନ୍ସପେକ୍ଟର ମନୋରଞ୍ଜନ ବିଶି ଓ ରଞ୍ଜିତ ପଟ୍ଟନାୟକ ସଦଳବଳେ ଚଢାଉ କରିଥିଲେ। ସେମାନଙ୍କୁ ଚାଇଲ୍ଡ ୱେଲଫେୟାର କମିଟିକୁ ହସ୍ତାନ୍ତର କରାଯାଇଥିବା ବାମେବାରି ଥାନା ଅଧିକାରୀ ପରେଶ କୁମାର ମହାନ୍ତି ସୂଚନା ଦେଇଛନ୍ତି। ସେହିପରି ବସ୍ ଯୋଗେ ଝାରଖଣ୍ଡ ଅଞ୍ଚଳର ୩ ନାବାଳକଙ୍କୁ ଚାଲାଣକାରୀ ନେବାକୁ ଅପେକ୍ଷା କରିଥିବା ବେଳେ ଖବର ପାଇ ଚମ୍ପୁଆ ଆଇଆଇସି ସୁମିତ କୁମାର ସୋରେନ ସେମାନଙ୍କୁ ଉଦ୍ଧାର କରିଛନ୍ତି। ଜଣେ ଚାଲାଣକାରୀଙ୍କୁ ଗିରଫ କରିଛନ୍ତି। ସେ ହେଲେ ପୁରୀର କେଦାର ଜେନା ଓ ତାଙ୍କ ଘର କହଲାପଦା ବ୍ରହ୍ମଗିରି। କେଦାର) ଜୟନ୍ତିଗଡରେ ଓହ୍ଲାଇ ପ୍ରଥମେ ଝାଡଖଣ୍ଡ ରାଜ୍ୟର ବନେଇକଳା, ସିଆଳିଯୋଡା, ଧରୁଆଡିହି ଆଦି ଗାଁକୁ ଯାଇ କେତେ ଜଣ ପିଲାଙ୍କୁ ପୁରୀଠାରେ କାମ କରିବାକୁ ପ୍ରଲଭନ ଦେଖାଇ ଥିଲା। ସେମାନଙ୍କୁ ପ୍ରଥମେ ଭୁବନେଶ୍ୱର ଏବଂ ପରେ ପୁରୀ ନେଇଯିବା ମସୁଧା କରି ଚମ୍ପୁଆ ବସଷ୍ଟାଣ୍ଡଠାରେ ବସରେ ୨ଟି ସ୍ଲିପର ଟିକେଟ କାଟିଥିଲେ। ସେହିପରି ତେଲକୋଇ ବ୍ଲକ ଅଞ୍ଚଳରୁ ୪ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ପୋଲିସ ଅଧିକାରୀ ଦେବେନ୍ଦ୍ର ନାଥ ପିଙ୍ଗୁଆଙ୍କ ନେତୃତ୍ୱରେ ଶନିବାର ଜାତୀୟ ରାଜପଥ ଥିବା ବିଭିନ୍ନ ଢାବାରେ ଚଢାଓ କରାଯାଇଥିଲା।

SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଷ୍ଟ୍ରେସଡ୍ ଆସେଟ୍ସ୍ ମ୍ୟାନେଜ୍‌ମେଣ୍ଟ ଶାଖା, ଭୁବନେଶ୍ୱର
**ସଂଶୋଧନ ପତ୍ର**
ତା.୦୧.୦୯.୨୦୧୮ରିଖ ଦୈନିକ ଖବର କାଗଜ **ଧରିତ୍ରୀ**ରେ ପ୍ରକାଶିତ ଆମ୍ଭର **"ଇ-ନିଲାମ ବିକ୍ରୟ ବିଜ୍ଞପ୍ତି"**ରେ **କ୍ର. ନଂ. ୮** ରେ ଦର୍ଶିତ ଋଣଗ୍ରହୀତା: **ମେସର୍ସ ପାବନି ଫେରୋ ଆଲଏକ୍ ପ୍ରା. ଲିଃ**.ର 'ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା' ସ୍ତମ୍ଭରେ ଦର୍ଶିତ "ଜାମିନ୍‌ଦାରମାନେ: ୧) ଶ୍ରୀ ଜଳଧର ଜେନା, ୨) ଶ୍ରୀ ପାରେଶ୍ୱର ଜେନା' ପରିବର୍ତ୍ତେ **"ଜାମିନ୍‌ଦାରମାନେ: ୧) ସିଏଚ୍. ପ୍ରଭାତ କେଶରୀ ମିଶ୍ର,** ପିତା: ସ୍ୱ ସିଏଚ୍. ଧିରେନ୍ଦ୍ର ନାଥ ମିଶ୍ର, **୨) ବିଶ୍ୱଜିତ ମିଶ୍ର,** ପିତା: ସିଏଚ୍. ପ୍ରଭାତ କେଶରୀ ମିଶ୍ର, **୩) ଶ୍ରୀମତୀ ଅର୍ଚ୍ଚନା ମିଶ୍ର,** ପିତା: ବୈଦ୍ୟନାଥ ନନ୍ଦ, କ୍ର.ନଂ. ୧, ୨ ଏବଂ ୩ଙ୍କ ଠିକଣା- ସା: ଜି+୩, କସ୍ତୁରୀ ଇଷ୍ଟେଟ, ବ୍ଲକ୍-ବି, ଅଶୋକ ନଗର, ଥାନା: ନିୟୁ କ୍ୟାପିଟାଲ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, **୪) ରବିନ୍ଦ୍ର ନାଥ ପଟ୍ଟନାୟକ,** ପିତା: ସ୍ୱ ନଗେନ୍ଦ୍ର ନାଥ ପଟ୍ଟନାୟକ, ସା: ଏଚ୍‌ଆଇଜି-୩୧, ଜୟଦେବ ବିହାର, ବିଡ଼ିଏ କଲୋନୀ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା" ପଢିବାକୁ ଅନୁରୋଧ। ଅନ୍ୟାନ୍ୟ ସମସ୍ତ ତଥ୍ୟ, ନିୟମ ଓ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ।
ତା.୦୧.୦୯.୨୦୧୮ / କ୍ଷମତାପ୍ରାପ୍ତ ଅଧିକାରୀ

**ସମ୍ବଲପୁରୀ ବସ୍ତ୍ରାଳୟ**
SBC

**ଗଣେଶ ପୂଜା ଓ ନୂଆଁଖାଇ**
ଉପଲକ୍ଷେ ସମିତିର ଅଗଣିତ ଗ୍ରାହକ ଓ ପୃଷ୍ଠପୋଷକଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ
**ବିଶେଷ ସରକାରୀ ରିହାତି**
**୧୦% + ୨୦%**
ଅବଧି ତା୦୨।୦୯।୨୦୧୮ରୁ ତା୧୩।୦୯।୨୦୧୮ ପର୍ଯ୍ୟନ୍ତ
**ନୂତନ ବସ୍ତ୍ରର ସମ୍ଭାର**
ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ି, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡଶିଟ୍, ସୁଟ୍‌ସେଟ୍
ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର ସମସ୍ତ ବିକ୍ରୟ କେନ୍ଦ୍ର ଓ ବିକ୍ରୟ ପ୍ରତିନିଧିମାନଙ୍କଠାରେ ଉପଲବ୍ଧ ଅଟେ।

## ସଙ୍ଗୀତ, କୁଇଜ୍ ପ୍ରତିଯୋଗିତା

**ବଡ଼ବିଲ, ୨।୯(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡ଼ବିଲସ୍ଥିତ ଟାଉନହଲରେ ଭାରତ ବିକାଶ ପରିଷଦ ତରଫରୁ ରବିବାର ହିନ୍ଦୀ ଓ ସଂସ୍କୃତ ଭାଷାର ସମୂହ ସଂଗୀତ ଓ କ୍ୱିଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏହି ପ୍ରତିଯୋଗିତାରେ ବଡବିଲ ତଥା ଆଖପାଖ ଅଞ୍ଚଳର ୯ଟି ସ୍କୁଲରୁ ମୋଟ ୧୩୮ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ସ୍କୁଲ ଗୁଡିକ ମଧ୍ୟରେ ବଡ଼ବିଲସ୍ଥିତ ମାଟକାମବେଡା ହାଇସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଗୁରୁନାନକ ହାଇସ୍କୁଲ, ଗୁରୁ ହରିକୃଷ୍ଣା ହାଇସ୍କୁଲ, ଗୋପବନ୍ଧୁ ହାଇସ୍କୁଲ, ସୟାବାଲିସ୍ଥିତ ଜିନ୍ଦଲ ସ୍କୁଲ ସେଣ୍ଟମେରୀଜ ସ୍କୁଲ, ଯୋଡାସ୍ଥିତ ସେଣ୍ଟ ଟେରେସା ସ୍କୁଲ ଓ ଝାଡଖଣ୍ଡ ରାଜ୍ୟ ନୂଆମୁଣ୍ଡିସ୍ଥିତ ସେଣ୍ଟମେରୀଜ ସ୍କୁଲର ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ।






## ସଂକ୍ଷେପରେ

### ଗାଡ଼ି ଧକ୍କାରେ ୨ ଗୋରୁ ମୃତ

**କେନ୍ଦୁଝର, ୨।୯(ସ୍ୱ.ପ୍ର.):** ସଦର ଥାନା ପଦ୍ମପୁର ନିକଟ ୨୦ ନମ୍ବର ଜାତୀୟ ରାଜପଥରେ ଏକ ଗାଡ଼ି ଧକ୍କାରେ ୨ ଗୋରୁର ମୃତ୍ୟୁ ଘଟିଛି। ମୃତ ଗୋରୁଙ୍କର ଅବଶେଷ ଉଠାଯାଇ ନ ଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିଛି । ଉକ୍ତ ଅଞ୍ଚଳରେ ଲୋକେ ସେମାନଙ୍କ ଗୋରୁଙ୍କୁ ଏଣେତେଣେ ଛାଡ଼ି ଦେଉଥିବାରୁ ଜାତୀୟ ରାଜପଥ ଉପରେ ରାତି କଟାଉଛନ୍ତି। ଫଳରେ ରାସ୍ତାରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଦୁର୍ଘଟଣା ଘଟୁଛି। ଏ ନେଇ ସ୍ଥାନୀୟ ପୋଲିସ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଗୋରୁ ମାଲିକଙ୍କୁ ତାଗିଦ କରିବାକୁ ସାଧାରଣରେ ଦାବି ହେଉଛି।

### କେରଳ ବନ୍ୟା ପୀଡ଼ିତଙ୍କୁ ସହାୟତା

**ପାଟଣା,୨।୯(ସ୍ୱ.ପ୍ର.)-** କେନ୍ଦୁଝର ଜିଲା ପାଟଣା ଅଞ୍ଚଳର ଯୁବକମାନେ କେରଳର ବନ୍ୟା ପୀଡ଼ିତଙ୍କ ପାଇଁ ସହାୟତାର ହାତ ବଢ଼ାଇଛନ୍ତି। ବିଭିନ୍ନ ବଦାନ୍ୟ ଦାତାଙ୍କ ସ୍ୱତଃପ୍ରବୃତ୍ତ ଦାନକୁ ସଂଗ୍ରହ କରିଥିଲେ। ଏଥିରୁ ସଂଗୃହୀତ ୧୦ହଜାର ୨୦୦ ଟଙ୍କାକୁ ଚେକ୍ ଆକାରରେ ଗୁରୁବାର ପୂର୍ବାହ୍ନରେ ଆପାତକାଳୀନ ବିଭାଗର ବରିଷ୍ଠ ଅମଲା ପ୍ରଭାତେନ୍ଦୁ ନାଏକଙ୍କୁ ପ୍ରଦାନ କରିଛନ୍ତି।

### ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

**ଢେଙ୍କିକୋଟ, ୨।୯(ଡି.ଏନ୍.ଏ.)-** କେନ୍ଦୁଝର ଜିଲା ଘଟଗାଁ ବ୍ଲକ ପଣ୍ଡାପଡ଼ା ପଞ୍ଚାୟତ ସଭାଗୃହରେ ବାର୍ଦ୍ଧକ୍ୟ ବିଧବା ଏବଂ ବିକଳାଙ୍ଗଙ୍କୁ ରାଜ୍ୟ ସରକାରଙ୍କ ତରଫରୁ ମାସିକ ଭତ୍ତା ପ୍ରଦାନ କରାଯାଇଛି ଏବଂ ଜଙ୍ଗଲ ଜମି ପଟ୍ଟା ମଧ ଲୋକମାନଙ୍କୁ ଦିଆଯାଇଛି। ଏଥିନିମନ୍ତେ ପଣ୍ଡାପଡ଼ା ଗ୍ରାମ ପଞ୍ଚାୟତ ସଭାଗୃହ ମଧରେ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଓଡ଼ିଶାର ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର ମୁଖ୍ୟବକ୍ତା ଭାବେ କେନ୍ଦୁଝର ଜିଲା ଆଦିବାସୀ ଜନଜାତି ଉନ୍ନୟନ ପରିଷଦ ଅଧକ୍ଷ ରାମରାୟ ମୁଣ୍ଡିଆ ସମ୍ମାନନୀୟ ଅତିଥି ଘଟଗାଁ ବ୍ଲକ ଅଧକ୍ଷା ଦ୍ରୌପଦୀ ଦଣ୍ଡପାଟ, ନୂତନ ଭାବେ ଯୋଗ ଦେଇଥିବା ବିଡିଓ ତ୍ରିଲୋଚନ ମହାନ୍ତି ଯୋଗ ଦେଇଥିଲେ। ପଣ୍ଡାପଡ଼ା ଜୋନ୍‌ର ୯ଟି ପଞ୍ଚାୟତ ପୁରୁମୁଣ୍ଡା ସୁନାଟାଙ୍ଗିରୀ, ବଳଭଦ୍ରପୁର, ରୁଟିଶିଳା, ବଡ଼ପିଚ୍ଛୁଳା, ବସନ୍ତପୁରା, ପଟଲ ଏବଂ ବିନିଦା ପଞ୍ଚାୟତର ୧୬୨ଜଣ ବୃଦ୍ଧା, ବୃଦ୍ଧ ଓ ବିକଳାଙ୍ଗଙ୍କୁ ପ୍ରମାଣ ପତ୍ର ସମେତ ଭତ୍ତା ପ୍ରଦାନ କରିଛନ୍ତି। ସେହିପରି ୫୭ ଜଣଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଇଛି।

### ହିନ୍ଦୁଧର୍ମର ସୁରକ୍ଷା ପାଇଁ ଆହ୍ୱାନ

**କେନ୍ଦୁଝର, ୨।୯(ସ୍ୱ.ପ୍ର.):** ପବିତ୍ର ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉପଲକ୍ଷେ ବିଭିନ୍ନ ରାଧାକୃଷ୍ଣ ମନ୍ଦିରରେ ପୂଜାର୍ଚ୍ଚନା ପାଇଁ ଉତ୍ସବ ମୁଖର ହୋଇଉଠିଥିଲା। ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ସ୍ଥାପନା ହୋଇଥିବାରୁ ବିଭିନ୍ନ ହିନ୍ଦୁ ସଙ୍ଗଠନ ପକ୍ଷରୁ ଧୂମଧାମରେ ପାଳନ କରାଯାଇଛି। ରବିବାର ଶତାଧିକ ମହିଳାପୁରୁଷ ଏକ ଶୋଭାଯାତ୍ରାରେ ମାଇନିଂ ରୋଡ଼ସ୍ଥିତ ରାମମନ୍ଦିରରୁ ବାହାରି ସହର ପରିକ୍ରମା କରି ଜେଲ ରୋଡ଼ସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିରରେ ସମ୍ମିଳିତ ହୋଇଥିଲେ। ହିନ୍ଦୁଧର୍ମର ସୁରକ୍ଷା, ରାମ ମନ୍ଦିର ପ୍ରତିଷ୍ଠା କରିବା ସହ ଦେଶପ୍ରେମ ଭାବନାରେ ଜାଗ୍ରତ ହେବାକୁ ଆହ୍ୱାନ କରାଯାଇଥିଲା। ବିଭିନ୍ନ ପ୍ରକାରର ସ୍ଲୋଗାନ, ବ୍ୟାନର ଧରି ସହର ପରିକ୍ରମା କରାଯାଇଥିଲା । ଛୋଟ ପିଲାମାନେ କୃଷ୍ଣ ବେଶରେ ସଜ୍ଜିତ ହୋଇ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ବିଭିନ୍ନ ହିନ୍ଦୁ ସଙ୍ଗଠନ ଯଥା ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ, ଭାଜପା ଦଳ, ଆରଏସଏସ ସମେତ ବହୁ ସଙ୍ଗଠନ ସାମିଲ ରହି ବିଶ୍ୱହିନ୍ଦୁ ପରିଷଦର ସ୍ଥାପନା ଦିବସ ପାଳନ କରିଥିଲେ।

### ଲଗାଣ ବର୍ଷାରେ ଘର ଭୁଶୁଡ଼ିଲା

**ତେଲକୋଇ,୨।୯(ଡି.ଏନ.ଏ.):** ଲଗାଣ ବର୍ଷାରେ ଛାମୁଣ୍ଡା ଗ୍ରାମର ବଣ୍ଟୁ ନାଏକଙ୍କ ଘର ଭୁଶୁଡ଼ି ପଡ଼ିଛି। ପରିବାର ୪ ଜଣ ସଦସ୍ୟ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ବଣ୍ଟୁଙ୍କ ପରିବାର ଏବେ ପଡୋଶୀ ବାରଣ୍ଡାରେ ଜୀବନ ବିତାଉଛନ୍ତି। ତାଙ୍କୁ କୌଣସି ସହାୟତା ମିଳି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସ୍ଥାନୀୟ ସରପଞ୍ଚ ସମ୍ପୃକ୍ତ ପରିବାରକୁ ଚୁଡ଼ା ଓ ଚାଉଳ ସହାୟତା ଯୋଗାଇଥିବା କହିଛନ୍ତି।

# ଗର୍ଭବତୀଙ୍କ ମୃତ୍ୟୁ ନେଇ ଉତ୍ତେଜନା

**କେନ୍ଦୁଝର, ୨।୯(ସ୍ୱ.ପ୍ର.)**



ଲୋକେ ସ୍ତ୍ରୀ ପ୍ରସୂତି ଓ ଶିଶୁ ୱାର୍ଡକୁ ଘେରାଉ କରିଛନ୍ତି।

କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାର ଶିଶୁ ଓ ମାତୃ ବିଭାଗରେ ରବିବାର ଜଣେ ଗର୍ଭବତୀ ମହିଳାଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ପରିସ୍ଥିତି ଦେଖା ଦେଇଛି। ମୃତକ ଜଣଙ୍କ ହେଲେ ଗୁମୁରା ଗ୍ରାମର ନାମ ଝରଣା ଜେନା। ଅପରେଶନ ବେଳେ ମହିଳାଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକଙ୍କ ପକ୍ଷରୁ ଟାଉନ ଥାନାରେ ଏତଲା ଦିଆଯାଇଛି। ଘଟଣାସ୍ଥଳରେ ପୋଲିସ ମୁତୟନ ହୋଇଥିଲେ ହେଁ ଉତ୍ତେଜନା ପରିସ୍ଥିତି ଲାଗି ରହିଛି। ଏ ନେଇ ମୃତ ମହିଳାଙ୍କ ସ୍ୱାମୀ ଅଟଳ ବିହାରୀ ଜେନା ଅଭିଯୋଗ କରିଛନ୍ତି ଯେ, ସକାଳେ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଭଲ ଥିଲା। ଡାକ୍ତର କହିଲେ ଅପରେସନ କରିବାକୁ ପଡ଼ିବ। ପରେ ସେ ଅପରେସନ ରୁମକୁ ଚାଲି ଗଲେ। ସାଲାଇନ ଦିଆଗଲା। ତାପରେ ଡାକ୍ତର ଆସି କହିଲେ ଅବସ୍ଥା ଭଲ ନାହିଁ। କ'ଣ କରିବା। ଆଉ କିଛି ନ କହି ଚାଲିଗଲେ। ସେତେବେଳକୁ ସ୍ତ୍ରୀଙ୍କ ମୃତ୍ୟୁ ହୋଇ ସାରିଥିଲା। ସୂଚନା ଦିଆଗଲା ନାହିଁ। ଚିକିତ୍ସାରେ ଅବହେଳା ଯୋଗୁ ସ୍ତ୍ରୀଙ୍କ ମୃତ୍ୟୁ ହୋଇଛି।

ଅନ୍ୟପକ୍ଷରେ ଖବର ପ୍ରଚାରିତ ହେବା ପରେ ମେଡିକାଲରେ ଲୋକଙ୍କ ଭିଡ଼ ଜମିଥିଲା। ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଲୋକେ ଦାବି କରି ଉକ୍ତ ବିଭାଗକୁ ଘେରାଉ କରିଥିଲେ। ଘଟଣାସ୍ଥଳରେ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ଏ ନେଇ ଟାଉନ ଥାନ ଅଧିକାରୀ ସୂର୍ଯ୍ୟକାନ୍ତି ମିଶ୍ରଙ୍କୁ ପଚାରିବାରୁ ଉକ୍ତ ଘଟଣାରେ ଅଭିଯୋଗ ମିଳିଛି। ତଦନ୍ତ କରାଯାଉଛି। ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି ବୋଲି ସେ କହିଛନ୍ତି।

**ଜିଲା ମୁଖ୍ୟ ଡାକ୍ତରଖାନା**
- ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବି
- ଚିକିତ୍ସା ଅବହେଳାରୁ ମୃତ୍ୟୁ ଅଭିଯୋଗ

# ଜିଲାପାଳଙ୍କ କୃତ୍ରିମ ବନ୍ୟାସ୍ଥଳ ପରିଦର୍ଶନ

**ଆନନ୍ଦପୁର, ୨।୯(ସ୍ୱ.ପ୍ର.)**

ଆନନ୍ଦପୁର ବ୍ଲକ ଶାଳବଣି ପଞ୍ଚାୟତ ବଳଦୁଆଁଠାରେ ବୈତରଣୀ ବାମ ପାର୍ଶ୍ୱ ନିର୍ମାଣାଧୀନ କେନାଲ ଭାଙ୍ଗି କୃତ୍ରିମ ବନ୍ୟା ସୃଷ୍ଟି ହୋଇଥିଲା। ଉକ୍ତ ଅଞ୍ଚଳ ପରିଦର୍ଶନ କରି କ୍ଷୟକ୍ଷତିର ସମୀକ୍ଷା କରିଛନ୍ତି କେନ୍ଦୁଝର ଜିଲାପାଳ ଆଶିଷ ଠାକରେ। କେନାଲ ବନ୍ଧ କେଉଁ ପରିସ୍ଥିତିରେ ଭାଙ୍ଗିଲା ଏଥି ପାଇଁ ଦାୟୀ କିଏ ବୋଲି ସ୍ଥିତି ଅନୁଧ୍ୟାନ କରିଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କ ଅଭିଯୋଗ ଅନୁଯାୟୀ ଘଟଣାର ବିଧିବଦ୍ଧ ତଦନ୍ତ କରାଯାଇ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ଠାକରେ ଉପସ୍ଥିତ କ୍ଷତିଗ୍ରସ୍ତ ଚାଷୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଜିଲାପାଳଙ୍କ ଗସ୍ତ ସମୟରେ ଆନନ୍ଦପୁର ବିଧାୟକ ମାୟାଧର ଯେନା କ୍ଷତିଗ୍ରସ୍ତ ଅଞ୍ଚଳ ବଳଦୁଆଁ, ଚମର୍ଦା, ପଣ୍ଡୁଆ, ବାଲିପଶି ପ୍ରଭୃତି ଅଞ୍ଚଳ ପରିଦର୍ଶନ କରି କ୍ଷତିଗ୍ରସ୍ତଙ୍କୁ ତୁରନ୍ତ ସହାୟତା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିଭଳି ଶନିବାର ରାତିରେ ଏମପି ପ୍ରତିନିଧି ଦେବପ୍ରିୟ ପାତ୍ର ପଣ୍ଡୁଆ ବିପନ୍ନ ପରିବାରବର୍ଗଙ୍କ ନିକଟରେ ପହଞ୍ଚି ସମସ୍ତ କଥା ବୁଝିବା ସହ ହୋଇଥିବା କ୍ଷୟକ୍ଷତି ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।


ଶାଳବଣି ପଞ୍ଚାୟତରେ ଜିଲାପାଳଙ୍କ ସହ ଅନ୍ୟମାନେ।

ଗତ ଶନିବାର ବିଳମ୍ବିତ ରାତିରେ ବର୍ଷାଜଳ ନିର୍ମାଣାଧୀନ କେନାଲରେ ପ୍ରବେଶ କରି ବଳଦୁଆଁଠାରେ ୫ ଘାଇ ହୋଇ କୃତ୍ରିମ ବନ୍ୟା ସୃଷ୍ଟି କରିଥିଲା। ଏଥିରେ ଦେଢ଼ ଶହରୁ ଊର୍ଦ୍ଧ୍ୱ ଚାଷୀଙ୍କ ଚାଷଜମି କ୍ଷତିଗ୍ରସ୍ତ ହେବା ସହିତ ମତ୍ସ୍ୟ ଚାଷ ପ୍ରଭାବିତ ହୋଇଥିଲା। ଫଳରେ ସ୍ଥାନୀୟ ଅଞ୍ଚଳର ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ଘଟଣାକୁ ନେଇ ଅଗ୍ରଣୀ ମିଶ୍ରିତ ଚାଷୀ ଚକ୍ରଧର ଦାସ, ନୃସିଂହ ଚରଣ ପଣ୍ଡା, ଗୋପୀନାଥ ପଣ୍ଡା, ପୂର୍ଣ୍ଣ ଚନ୍ଦ୍ର ଦାସ, ଜୟଦେବ ଦାସ, ପୀତାମ୍ବର ନାୟକ ପ୍ରମୁଖଙ୍କ ସମେତ ଶତାଧିକ ଚାଷୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବା ସହିତ ଜଳସମ୍ପଦ ବିଭାଗର ଦାୟିତ୍ୱହୀନତା ଓ କେନାଲ ନିର୍ମାଣକାରୀ ଠିକା ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠନ ଦାବି କରିଥିଲେ।

# ୩ ରୁ ଅଭିଯୋଗ ଶୁଣାଣି

**କେନ୍ଦୁଝର, ୨।୯ (ସ୍ୱ.ପ୍ର.)**

ସେପ୍ଟେମ୍ବର ମାସ ପାଇଁ ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ପ୍ରକାଶ ପାଇଛି। ସେପ୍ଟେମ୍ବର ୩ରେ ଜିଲାପାଳ କେନ୍ଦୁଝରଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ୍‌ଠାରେ, ସେପ୍ଟେମ୍ବର ୧୦ ତାରିଖ (ସୋମବାର) ହାଟଡିହି ବ୍ଲକ କାର୍ଯ୍ୟାଳୟଠାରେ, ସେପ୍ଟେମ୍ବର ୧୭ ତାରିଖ (ସୋମବାର) ତେଲକୋଇ ବ୍ଲକ୍ କାର୍ଯ୍ୟାଳୟଠାରେ ଏବଂ ସେପ୍ଟେମ୍ବର ୨୪ ତାରିଖ (ସୋମବାର) ଦିନ ଝୁମ୍ପୁରା ବ୍ଲକ୍ କାର୍ଯ୍ୟାଳୟଠାରେ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି ଜିଲା କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଛି। ଏହି ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତି ନିମନ୍ତେ ବିହୀତ ପଦକ୍ଷେପ ନେବାକୁ ଜିଲାପାଳ ଆଶିଷ ଠାକରେ ଜିଲାର ସମସ୍ତ ଉପଜିଲାପାଳ, ବିଡିଓ ଏବଂ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏତଦ୍‌ବ୍ୟତୀତ କାର୍ଯ୍ୟସୂଚୀ ଅନୁଯାୟୀ ଅଭିଯୋଗ ଶୁଣାଣି ସ୍ଥାନମାନଙ୍କରେ ଚିକିତ୍ସା, ଜାତୀୟ ସ୍ୱାସ୍ଥ୍ୟ ମିଶନ, ଶ୍ରମ, ଜଳସେଚନ ଓ ଉଠା ଜଳସେଚନ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ, ଯୋଗାଣ ବିଭାଗ, ସମାଜ ମଙ୍ଗଳ ବିଭାଗ, ସାମାଜିକ ସୁରକ୍ଷା ବିଭାଗ ତରଫରୁ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ସମ୍ପୃକ୍ତ ଜିଲାସ୍ତରୀୟ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

## ଶ୍ରମିକଙ୍କ ମଜୁରି ହଡ଼ପ

**ଯୋଡ଼ା, ୨।୯(ଡି.ଏନ.ଏ.)**

ଯୋଡ଼ା ବ୍ଲକ ଚମକପୁର ପଞ୍ଚାୟତ ଗ୍ରୀଷ୍ମ କାଳୀନ ଅବକାଶ ପାଇଁ ହୋଇଥିବା ଜଳଛତ୍ର ପ୍ରଦାନକାରୀଙ୍କୁ ମଜୁରି ଅଦ୍ୟାବଧି ମିଳି ନ ଥିବା ଅଭିଯୋଗ ହୋଇଛି। ଉକ୍ତ ପଞ୍ଚାୟତ ପକ୍ଷରୁ ଚମକପୁର, ମରସୁଆଁ, ରୁଗୁଡି, ଲୁଣଗୋଠାଣୀ, ରେଭେନ୍ସାପୁର (କ) ଶଙ୍କରପୁର, ଧୋବାକୁଚୁଡା, ରେଭେନନ୍ସାପୁର (ଖ), ଗୁଗୁଦୋରୀ ସ୍ଥାନରେ ଜଳଛତ୍ର ପ୍ରଦାନ ପାଇଁ ୧୧ ଜଣଙ୍କୁ ନିଯୁକ୍ତି କରାଯାଇଥିଲା। ୫୪ ଦିନ ପର୍ଯ୍ୟନ୍ତ କାର୍ଯ୍ୟ କରାଯାଇଥିଲା । ପ୍ରତିଦିନ ପାରିଶ୍ରମିକ ବାବଦକୁ ୨ ଶହ ଟଙ୍କା ଦିଆଯିବାର କୁହାଯାଇଥିଲା। ଉକ୍ତ ୧୧ ଶ୍ରମିକଙ୍କୁ ପଞ୍ଚାୟତ ପକ୍ଷରୁ ଅଦ୍ୟାବଧି ମଜୁରି ପ୍ରଦାନ କରାଯାଇ ନ ଥିବା ରେଭେନ୍ସାପୁର (କ) ଗ୍ରାମର ବିଶିକେଶନ ମାଝୀ, ଶଙ୍କରପୁର ଗ୍ରାମର ବୈରାଗି ଖଣ୍ଡୁଆଳ, ମରସୁଆଁ ଗ୍ରାମର ନବ ନାଏକ ପ୍ରମୁଖ ଅଭିଯୋଗ କରିଛନ୍ତି।

ଏ ନେଇ ପଞ୍ଚାୟତର ଗ୍ରାମସେବକ (ଭିଏଲଡବ୍ଲ୍ୟୁ) କ୍ଷୀରୋଦ ପ୍ରଧାନଙ୍କୁ ଶ୍ରମିକମାନେ ପଚାରିବାରୁ ତାଙ୍କର ବିଲ କରାଯାଇ ଦରମା ସରପଞ୍ଚଙ୍କୁ ଦିଆଯାଇଥିବା କହୁଛନ୍ତି। ଶ୍ରମିକମାନେ ସରପଞ୍ଚ ନରହରିଙ୍କ ପାଖକୁ ଗଲେ ଦରମା ମିଳି ନ ଥିବା କହୁଛନ୍ତି। ଦୀର୍ଘ ଦିନ ବିତିଯାଇଥିଲେ ହେଁ ଶ୍ରମିକମାନଙ୍କୁ ଦରମା ପ୍ରଦାନରେ ହଇରାଣ କରାଯାଉଛି। ଏ ନେଇ ଭିଏଲଡବ୍ଲ୍ୟୁ କ୍ଷୀରୋଦଙ୍କୁ ପଚାରିବାରୁ ଜଳଛତ୍ର ପ୍ରଦାନକାରୀ ଶ୍ରମିକ ପିଛା ୪ ହଜାର ୫ଶହ ଟଙ୍କା ଲେଖାଏଁ ସମୁଦାୟ ୧୦ ଜଣଙ୍କର ବିଲ କରାଯାଇ ୪୫ ହଜାର ଟଙ୍କା ସରପଞ୍ଚ ନରହରିଙ୍କୁ ୬ ଦିନ ହେବ ଦିଆଯାଇଛି। ସରପଞ୍ଚ ୩ ସ୍ଥାନରେ କାର୍ଯ୍ୟ କରିଥିବା ଶ୍ରମିକଙ୍କୁ ମଜୁରି ପ୍ରଦାନ କରି ନ ଥିବା ଜାଣିବାକୁ ପାଇଥିବା ସେ କହିଛନ୍ତି।

**ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା**

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ balasoreselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ନର


@ ଲିପି


@ ଦୁର୍ଯ୍ୟୋଧନ


@ ଅଲ୍ଲୀ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | Balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# ବିଦ୍ୟୁତ୍ ସଂସ୍ପର୍ଶରେ ୫ ଶ୍ରମିକ ଗୁରୁତର

**ଝୁମ୍ପୁରା, ୨।୯ ଡି.ଏନ.ଏ.)**

ଝୁମ୍ପୁରା ବ୍ଲକ ଖେଣ୍ଡରା ପଞ୍ଚାୟତ ତିଳୋଉପଦା ସହିରେ ସୌଭାଗ୍ୟ ଯୋଜନାରେ ତାର ଟଣା ଯାଉଥିବା ବେଳେ ୧୧ କେଭି ଉଚ୍ଚ ଶକ୍ତି ସମ୍ପର୍ଣ୍ଣ ବିଦ୍ୟୁତ ସଂସ୍ପର୍ଶରେ ଆସି ୫ ଶ୍ରମିକ ଗୁରୁତର ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୨ ଶିଶୁ ଶ୍ରମିକ ରହିଛନ୍ତି। ଗୁରୁତର ହୋଇଥିବା ଶ୍ରମିକ ମାନେ ହେଲେ ମାର୍କଣ୍ଡ ସିଂ, ଗୌର ସିଂ, ରାଜେନ ସୋରେନ, ସମ୍ଭୁ ସିଂ, ଧନା ମୁର୍ମୁ। ସମସ୍ତଙ୍କ ଘର ମୟୂରଭଞ୍ଜ ଜିଲା ଉଦଳା ଥାନା। ଗୁରୁତର ଶ୍ରମିକଙ୍କୁ ପ୍ରଥମେ କେନ୍ଦୁଝର ଏବଂ ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ସୌଭାଗ୍ୟ ଯୋଜନାରେ ବିଦ୍ୟୁତ୍ କରଣ କାମ ଚାଲିଥିଲା। କାମ ନେଇଥିବା ଗଦରେଜ କମ୍ପାନୀ ନିମ୍ନମାନର କାର୍ଯ୍ୟ କରିବା ସାଙ୍ଗକୁ ଖାମଖିଆଲି ନୀତି ଏପରି ଘଟଣା ଘଟିଥିବା ଅଭିଯୋଗ ହେଉଛି। ଦୁର୍ଘଟଣା ପରେ ଝୁମ୍ପୁରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତନାଘନା ଚଳାଇଛି। ଏ ନେଇ ନେସ୍କୋର ସହକାରୀ ଯନ୍ତ୍ରୀ ହଳଧର ସେନାପତିଙ୍କୁ ପଚାରିବାରୁ କାମ ବିଷୟରେ କିଛି ସୂଚନା ନାହିଁ ବୋଲି କହିଥିଲେ। ଗଦରେଜ ବିଦ୍ୟୁତ କମ୍ପନୀର ମ୍ୟାନେଜର ଏ ନେଇ କିଛି କହିବାକୁ ମନା କରି ଦେଇଥିଲେ। ଝୁମ୍ପୁରା ଥାନା ଅଧିକାରୀ ଅର୍ଚ୍ଚନା ମଲ୍ଲିକ କହିଛନ୍ତି, ଶ୍ରମିକମାନଙ୍କୁ କାମ କରାଉଥିବା କନଟ୍ରାକଟର ନାମରେ କେଶ ରୁଜୁ କରାଯିବ।


ପୋଲିସ ତନାଘନା କରୁଛି।

# ଜଳଘେରରେ ଫକୀରପୁର

**ଆନନ୍ଦପୁର, ୨।୯(ସ୍ୱ.ପ୍ର.)**

ଆନନ୍ଦପୁର ବ୍ଲକ ଅଞ୍ଚଳରେ ଥିବା ଘାଗରା ନାଳରେ ବର୍ଷା ଜଳ ପଶି ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଶୁକ୍ରବାର ରାତିରେ ହୋଇଥିବା ୧୭୧.୦୬ ମି.ମି. ବର୍ଷାରେ ଘାଗରା ନାଳରେ ବନ୍ୟାଜଳ ପ୍ରବେଶ କରିଥିଲା। ୫୩ ନଂ ରାଜ୍ୟ ରାଜପଥ ଉପରେ ୨ ଦୁଇ ଫୁଟ ଉଚ୍ଚର ବନ୍ୟାଜଳ ପ୍ରବାହିତ ହୋଇ ଯାତାୟାତରେ ବ୍ୟାଘାତ ହୋଇଥିଲା। ଘାଗରା ନାଳରେ ପ୍ରବାହିତ ଜଳ ପ୍ରଭାବରେ ଶାଳବଣି ପଞ୍ଚାୟତ ପଣ୍ଡୁଆ ଗ୍ରାମରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ପୌରପରିଷଦ ଫକୀରପୁର ଗ୍ରାମର ୧୧ ନଂ ୱାର୍ଡ଼ ନଦୀ ପଠାଠାରୁ ଅପେକ୍ଷାକୃତ ତଳି ଅଞ୍ଚଳରେ ଥିବା ବାଲିପଡା ସାହିର ୬୫ ପରିବାର ପାଣି ଘେରରେ ରହିଥିଲେ। ବନ୍ୟା ପୀଡିତଙ୍କୁ ସ୍ଥାନୀୟ ପ୍ରଶାସନ ସାହାଯ୍ୟରେ ଉଦ୍ଧାର କରାଯାଇଥିଲା। ବିଜୁ ଯୁବ ବାହିନୀର ସଦସ୍ୟମାନେ ଉପସ୍ଥିତ ରହି ଉଦ୍ଧାର କାର୍ଯ୍ୟରେ ସହାୟତା କରିଥିଲେ। ଶନିବାର ରାତି ପ୍ରାୟ ୯ଟା ସମୟରେ ବାଲିପଡା ସାହିର ଲୋକଙ୍କୁ ଜୟଦୁର୍ଗା ସ୍କୁଲରେ ଆଶ୍ରୟ ଦିଆଯାଇଥିଲା। ପୌରପରିଷଦ ପକ୍ଷରୁ ଅଧକ୍ଷ ଶାନ୍ତନୁ ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚୁଡା, ଗୁଡ, ବିସ୍କୁଟ, କ୍ୟାଣ୍ଡଲ ପୀଡିତମାନଙ୍କୁ ପ୍ରଦାନ କରାଯାଇଥିଲା। ରବିବାର ସକାଳ ଅନୁରୂପ ଭାବରେ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଇ ରନ୍ଧା ଖାଦ୍ୟର ବ୍ୟବସ୍ଥା ମଧ କରାଯାଇଥିଲା। ସ୍କୁଲରେ ୨ ଶହରୁ ଊର୍ଦ୍ଧ୍ୱ ଲୋକ ନିଜର ଗୃହ ପାଳିତ ପଶୁ ଛେଳି, ଗାଈ, କୁକୁଡା ଆଦି ସାଙ୍ଗରେ ଆଣି ଥଇଥାନ ହୋଇଛନ୍ତି। କେନ୍ଦୁଝର ଜିଲାପାଳ ଆଶିଷ ଠାକରେ, ଉପଜିଲାପାଳ ତପନ କୁମାର ନାୟକ, ଆନନ୍ଦପୁର ବ୍ଲକ ବିଡିଓ ଉମାକାନ୍ତ ପରିଡ଼ା ପ୍ରମୁଖ ବନ୍ୟା ପୀଡିତଙ୍କ ନିକଟରେ ପହଞ୍ଚି ସମସ୍ତ ବ୍ୟବସ୍ଥା ଗ୍ରହଣ କରିଥିଲେ। ସାହିରେ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯିବା ସହ ପରବର୍ତ୍ତୀ ସମୟରେ କ୍ଷୟକ୍ଷତିର ଆକଳନ କରାଯାଇ କ୍ଷତିପୂରଣ ପ୍ରଦାନ କରାଯିବା ନିମନ୍ତେ ପ୍ରତିଶ୍ରୁତି ଦେଇ ଫେରିଛନ୍ତି।


ଜଳଘେରରେ ଫକୀରପୁର ବାଲିପଡ଼ା ସାହି।

ଗୋଟିଏ ପଟେ ଆନନ୍ଦପୁରଠାରେ ବୈତରଣୀର ଜଳସ୍ତର ଶନିବାର ସନ୍ଧ୍ୟାରୁ କ୍ରମାଗତ ଭାବେ ହ୍ରାସ ପାଇଛି। ମାତ୍ର ବାଲିପଡ଼ା ସାହି ବୈତରଣୀର ଜଳ ପତନଠାରୁ ଖୁବ ନିଚରେ ଥିବାରୁ ନଦୀ ଦେଇ ବର୍ଷା ଜଳ ନିଷ୍କାସନରେ ସମସ୍ୟା ଦେଖାଦେଇଛି। ବର୍ଷା ଜଳ ସମ୍ପୂର୍ଣ୍ଣ ଭାବେ ନିଷ୍କାସନ ହେବାକୁ ଆହୁରି ଦିନେ ଦୁଇ ଦିନ ଲାଗିବ ବୋଲି ଅନୁମାନ କରାଯାଉଛି। ପ୍ରତିବର୍ଷ ବର୍ଷାରେ ବାଲିପଡା ଗାଁ ପାଇଁ ପରିସ୍ଥିତି ଏଭଳି ଲାଗିରହିଥିବା ଲୋକେ କହିଛନ୍ତି। ଉକ୍ତ ଘଟଣାରେ ଛାତ୍ରୀଛାତ୍ରଙ୍କ ନିଜର ବହି ଖାତା ଓ ଅନ୍ୟ ପାଠ୍ୟ ଉପକରଣ ଘରେ ବର୍ଷା ଜଳ ପ୍ରବେଶ ଦ୍ୱାରା କ୍ଷତିଗସ୍ତ ହୋଇଥିବା କହିଛନ୍ତି ଯୁକ୍ତ ଦୁଇର ଛାତ୍ରୀ ମିତାରାଣୀ ଖଟୁଆ। ପ୍ରତିବର୍ଷ ଘାଗରା ନଦୀର ବର୍ଷା ଜଳ ସାହି ମଧ୍ୟକୁ ପ୍ରବେଶ କରିବା ଦ୍ୱାରା ଅନେକ ସମସ୍ୟା ଭୋଗୁଥିବା କହିଛନ୍ତି ବନ୍ୟାପୀଡିତା ମହିଳା ଛବି ଖଟୁଆ। ବନ୍ୟା ପୀଡିତମାନଙ୍କର ସମସ୍ତ ବ୍ୟବସ୍ଥାର ଉତ୍ତରଦାୟିତ୍ୱ ନଜ ମୁଣ୍ଡକୁ ନେଇଥିବା କହିଛନ୍ତି ପୌରାଧ୍ୟକ୍ଷ ଶାନ୍ତନୁ ସେଠୀ। ପ୍ରାୟ ସମୟରେ ଘାଗରା ନଦୀ ଜଳ ବାଲିପଡା ସାହିକୁ କ୍ଷତିଗ୍ରସ୍ତ କରୁଥିବାରୁ ଘାଗରା ଜଳ କିପରି ସହଜରେ ବୈତରଣୀ ଦ୍ୱାରା ନିଷ୍କାସିତ ହୋଇପାରିବ ସେଥିପାଇଁ ପ୍ରଶାସନ ପକ୍ଷରୁ ଏକ ବୈଷୟିକ ଟିମ୍ ଗଠନ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରିବା ଉଚିତ ବୋଲି ଶିକ୍ଷାବିତ୍ ଦେବେନ୍ଦ୍ର ସାହାଣୀ ମତ ରଖିଛନ୍ତି।

**ଘାଗରାରେ ବନ୍ୟା**
- ଦୁର୍ଦ୍ଦଶାରେ ୬୫ ପରିବାର
- ସ୍କୁଲରେ ଆଶ୍ରୟ ନେଲେ ଲୋକେ
- ବନ୍ୟା ପୀଡ଼ିତଙ୍କ ନିକଟରେ ଜିଲାପାଳ